ପ୍ରାରମ୍ଭିକ ବିଜ୍ଞାନ

TESS India

# ଶିକ୍ଷଣ ପରିବେଶର ବିକାଶ କରିବା

## Developing the learning environment





ଭାରତରେ ବିଦ୍ୟାଳୟ ଭିତ୍ତିକ
ସହାୟତା ମାଧ୍ୟମରେ ଶିକ୍ଷକ ଶିକ୍ଷା

www.TESS-India.edu.in

CC BY SA
http://creativecommons.org/licenses/

The Open University
UKaid from the British people

ଭାରତରେ ବିଦ୍ୟାଳୟ ଭିତ୍ତିକ ସହଯୋଗ ମାଧ୍ୟମରେ ଶିକ୍ଷକ ଶିକ୍ଷା (ଟେସ-ଇଣ୍ଡିଆ) କାର୍ଯ୍ୟକ୍ରମ ଶିକ୍ଷକମାନଙ୍କୁ 'ମୁକ୍ତ ଶୈକ୍ଷିକ ସଂବଳ' ମାଧ୍ୟମରେ ଶିକ୍ଷାର୍ଥୀ କୈନ୍ଦ୍ରିକ, ସହଭାଗୀ ଶିକ୍ଷାପଦ୍ଧତିଗୁଡ଼ିକର ବିକାଶ କରିବାରେ ସହାୟତା ଦେବା ସହ ଭାରତରେ ଥିବା ପ୍ରାରମ୍ଭିକ ଓ ମାଧ୍ୟମିକ ଶିକ୍ଷକମାନଙ୍କ ଶ୍ରେଣୀଗୃହରେ କାର୍ଯ୍ୟଧାରା ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି । ଟେସ୍-ଇଣ୍ଡିଆର ଏହି 'ମୁକ୍ତ ଶୈକ୍ଷିକ ସଂବଳ' ଶିକ୍ଷକମାନଙ୍କ ପାଇଁ ବିଦ୍ୟାଳୟ ପାଠ୍ୟପୁସ୍ତକର ଏକ ସହଯୋଗୀ ଅଟେ । ଏଗୁଡ଼ିକ, ଅନ୍ୟ ଶିକ୍ଷକମାନେ ପ୍ରସଙ୍ଗଟିକୁ କିପରି ପଢ଼ାଇଛନ୍ତି ତାହା ପ୍ରଦର୍ଶନ କରିବା ସହ ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କ ସହ ପ୍ରାକ୍ ପରୀକ୍ଷଣ ପାଇଁ ଶିକ୍ଷଣକାର୍ଯ୍ୟମାନ ଯୋଗାଇ ଦେଇଥାଏ । ଏହା ବ୍ୟତିତ ଶିକ୍ଷକମାନଙ୍କୁ ସେମାନଙ୍କ ପାଠ ଯୋଜନା ଏବଂ ବିଷୟଗତ ଜ୍ଞାନର ଅଭିବୃଦ୍ଧି ପାଇଁ ଏହା ସଂଯୋଗ ସ୍ଥାପନ କରେ ।

ଟେସ୍-ଇଣ୍ଡିଆର 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ଭାରତୀୟ ପାଠ୍ୟ ଖସଡ଼ା ଓ ପରିପେକ୍ଷୀ ଅନୁଯାୟୀ ଉଭୟ ଭାରତୀୟ ଓ ଆର୍ନ୍ତଜାତୀୟ ଲେଖକମାନଙ୍କ ସହଭାଗୀତାରେ ପ୍ରସ୍ତୁତ । ଏହା ଉଭୟ ଅନ୍‌ଲାଇନ ଓ ମୁଦ୍ରିତ ଭାବେ ବ୍ୟବହାର ପାଇଁ ଇଣ୍ଟରନେଟ୍ (http://www.tess-india.edu.in/)ରେ ଉପଲବ୍ଧ । 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ଉପଲବ୍ଧ କରାଯାଇଛି ଓ ଟେସ୍-ଇଣ୍ଡିଆର କାର୍ଯ୍ୟକ୍ରମ ଚାଲୁଥିବା ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ଉପଯୁକ୍ତ ଅଟେ । ଏହାର ବ୍ୟବହାରକାରୀମାନଙ୍କୁ ସ୍ଥାନୀୟ ପ୍ରାସଙ୍ଗିକତା ଓ ଆବଶ୍ୟକତାକୁ ଭରଣା କରିବା ନିମିତ୍ତ ସ୍ଥାନୀୟକରଣ କରି ଗ୍ରହଣ କରିବାକୁ ଆମନ୍ତ୍ରିତ କରାଯାଇଛି । ଟେସ୍-ଇଣ୍ଡିଆ ଭାରତ ଓ ଯୁକ୍ତରାଜ୍ୟ ସରକାରଙ୍କ ମିଳିତ କାର୍ଯ୍ୟକ୍ରମର ଏକ ଅଂଶ ଓ ଯୁକ୍ତରାଜ୍ୟ ର ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ।

**ଭିଡ଼ିଓ ସମ୍ବଳ ସମୂହ**

ଏହି ଏକକରେ କେତେକ କାର୍ଯ୍ୟମାନ ସଙ୍କେତ ସହ ସମ୍ମିଳିତ କରାଯାଇଛି । ଟେସ-ଇଣ୍ଡିଆର 'ଭିଡ଼ିଓ ସମ୍ବଳ ସମୂହ' ଶିକ୍ଷା ତତ୍ତ୍ୱ ଆଧାରିତ । ଏଥିରେ ଥିବା ଭିଡ଼ିଓଗୁଡ଼ିକ ନିର୍ଦ୍ଦିଷ୍ଟ ବିଷୟ ପାଇଁ ଭାରତୀୟ ଶ୍ରେଣୀଗୃହ ପରିପ୍ରେକ୍ଷୀରେ ପଢ଼ାଇବାର କୌଶଳଗୁଡ଼ିକୁ ସଚିତ୍ର ବର୍ଣ୍ଣନା କରିଛି । ଆମେ ଆଶାକରୁ ଯେ ଏଗୁଡ଼ିକ ଆପଣମାନଙ୍କୁ ଅନୁରୂପ କାର୍ଯ୍ୟଧାରାଗୁଡ଼ିକର ପରୀକ୍ଷଣ ନିମିତ୍ତ ଅନୁପ୍ରେରିତ କରିବ । ଏହିସବୁ ଆପଣଙ୍କ ଦ୍ୱାରା କରାଯାଉଥିବା ପାଠ୍ୟପୁସ୍ତକ ଆଧାରିତ କାର୍ଯ୍ୟଗୁଡ଼ିକର ଅଭିଜ୍ଞତା ବୃଦ୍ଧି କରିବା ନିମିତ୍ତ ଅଭିପ୍ରେରିତ । ଟେସ୍-ଇଣ୍ଡିଆ ଭିଡ଼ିଓ ସମ୍ବଳ ସମୂହ ଅନ୍‌ଲାଇନ୍‌ରେ http://www.tess-india.edu.in/) ଉପଲବ୍ଧ ଓ ଡାଉନ୍‌ଲୋଡ୍ କରାଯାଇପାରିବ । ଆପଣମାନେ ଏହି ଭିଡ଼ିଓଗୁଡ଼ିକୁ ସି.ଡ଼ି. ବା ମେମୋରୀ କାର୍ଡ଼ ମାଧ୍ୟମରେ ବ୍ୟବହାର କରି ପାରିବେ ।

ଓଡ଼ିଆ ସଂକଳନ 1.0 ପ୍ରାରମ୍ଭିକ ବିଜ୍ଞାନ 13 ଓଡ଼ିଆ ଭାଷାନ୍ତର ସହାୟତା : ଭାରତ ଜ୍ଞାନ ବିଜ୍ଞାନ ସମିତି : ଓଡ଼ିଶା Odisha

ଏହି ସଂକଳନଟି 'ଟେସ୍ ଇଣ୍ଡିଆର ମୁକ୍ତ ଶିକ୍ଷା ସମ୍ବଳ'ର ପ୍ରାଥମିକ ବିଜ୍ଞାନ ସଂକଳନର ଏକ ଭାଗ ଅଟେ । ମୂଳ ଇଂରାଜୀ ଲେଖାକୁ ଡକ୍ଟର ସୁସନ୍ଧ୍ୟା ମହାନ୍ତି ଓଡ଼ିଆ ଭାଷାନ୍ତର କରିଥିବା ବେଳେ ଡକ୍ଟର ପ୍ରୀତିଲତା ଜେନା ସମୀକ୍ଷା କରିଛନ୍ତି । ଏହି ସଂକଳନରେ ବ୍ୟବହୃତ ହୋଇଥିବା ତୃତୀୟ ପକ୍ଷ ସାଧନ ବ୍ୟତୀତ ଅନ୍ୟ ସମସ୍ତ ସମ୍ବଳ/ଲେଖ http:// creativecommons.org/ licenses/by-sa/3.0/ ରେ ମୁକ୍ତ ବ୍ୟବହାର ପାଇଁ ଉପଲବ୍ଧ ଅଟେ ।

*TESS-India is led by The Open University UK and funded by UK aid from the UK government*

## ଏହି ଏକକରେ କ'ଣ ଅଛି

ଜଣେ ଶିକ୍ଷକ ହିସାବରେ ଆପଣ ନିଶ୍ଚିତ ଇଚ୍ଛା କରିବେ ଯେ ବିଜ୍ଞାନ ପଢ଼ାଇବା ଫଳରେ ବିଜ୍ଞାନ ଶିକ୍ଷଣର ସମସ୍ତ ଉଦ୍ଦେଶ୍ୟ ଶିକ୍ଷାର୍ଥୀମାନେ ଭଲ ଭାବରେ ବୁଝିପାରନ୍ତୁ । ଏହା ସେମାନଙ୍କର ଜୀବନଶୈଳୀ ଓ ଅନୁଭୂତିକୁ ବୃଦ୍ଧି କରିବା ପାଇଁ ଅନ୍ତଦୃଷ୍ଟି ଏବଂ ସୁଯୋଗ ଯୋଗାଇବ । ଅନେକ ଶିକ୍ଷାର୍ଥୀ ଏମିତିବି ଥାଇ ପାରନ୍ତି ସେମାନେ ପରିବାରରୁ ପ୍ରଥମଥର ପାଇଁ ବିଦ୍ୟାଳୟକୁ ଯାଇଛନ୍ତି, ଯାହାକି ଉଭୟ ଆଗ୍ରହ ଉଦ୍ଦୀପକ ଏବଂ ହତୋତ୍ସାହ ଭିତ୍ତିକ ଅଟେ । ଶ୍ରେଣୀ ପରିବେଶଟି ଏପରି ହେବା ଉଚିତ୍, ଯାହାକି ଶିକ୍ଷାର୍ଥୀମାନଙ୍କର ଶିକ୍ଷାପ୍ରତି ଆଗ୍ରହ ଓ ସୃଜନଶୀଳତାକୁ ବଢ଼ାଇବାରେ ସାହାଯ୍ୟ କରିବା ସହ ଉଦ୍ଦେଶ୍ୟ ଭିତ୍ତିକ ଶିକ୍ଷା ହାସଲ କରିବା ପାଇଁ ପ୍ରେରଣା ଯୋଗାଇବ, ଶିକ୍ଷାର୍ଥୀମାନଙ୍କୁ ଶ୍ରେଣୀ ପରିବେଶ ପ୍ରତି ସଂବେଦନଶୀଳ କରାଇବା ଏବଂ ସେମାନଙ୍କର ଆଗ୍ରହ ଓ ଉଦ୍ଦୀପନାକୁ ସୃଜନଶୀଳ ଭାବରେ ବୃଦ୍ଧି କରିବା ପାଇଁ ଆପଣ ଓ ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ପାଖରେ ଅନେକ ସୁଯୋଗ ଅଛି । ଶିକ୍ଷଣ ପରିବେଶକୁ ଉନ୍ନତ କରିବା ପାଇଁ ଏହି ଏକକରେ କେତେକ ଅନୁସନ୍ଧାନକ ମୂଳକ କେତେକ ଉପାୟ ବିଷୟରେ ବର୍ଣ୍ଣନା କରାଯାଇଛି, ଉଦାହରଣ ସ୍ୱରୂପ: ଅଙ୍କୁରୋଦ୍‌ଗମ / ମଞ୍ଜିରୁ ଗଜା ହେବା, କିନ୍ତୁ ଆପଣ ବିଜ୍ଞାନର ଅନ୍ୟାନ୍ୟ ବିଷୟ ପାଇଁ ମଧ୍ୟ ଏସବୁ ଧାରଣା ବ୍ୟବହାର କରିପାରିବେ ।

## ଏହି ଏକକରୁ କ'ଣ ଶିଖିବେ

- ଶ୍ରେଣୀ କୋଠରିର ଶିକ୍ଷଣ ପରିବେଶକୁ ଉନ୍ନତ କରିବା କାହିଁକି ଓ କିପରି ଗୁରୁତ୍ୱପୂର୍ଣ୍ଣ ।
- ଶିକ୍ଷାର୍ଥୀ ଓ ଆପଣଙ୍କ ଭିତରେ କଥାବାର୍ତ୍ତା କିପରି ଶିକ୍ଷଣ ପରିବେଶ ଓ ଶିକ୍ଷାର୍ଥୀମାନଙ୍କର ସଫଳତା ଉପରେ ପ୍ରଭାବ ପକାଏ ।
- ଜଣେ ଦକ୍ଷ ଶିକ୍ଷକ ହିସାବରେ ଆପଣ କିପରି ଶିକ୍ଷଣ ପରିବେଶର ଉନ୍ନତି କରିବେ ।

## ଏହି ପନ୍ଥା କାହିଁକି ଗୁରୁତ୍ୱପୂର୍ଣ୍ଣ

ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ଉପରେ ଶ୍ରେଣୀ କୋଠରିର ଭୌତିକି, ସାମାଜିକ ଓ ଆବେଗିକ ବାତାବରଣର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି । ପରିବେଶ ପ୍ରଭାବ ପକାଇଥାଏ । ଆପଣ ଚେଷ୍ଟା କଲେ ବିନା ମୂଲ୍ୟରେ କିମ୍ବା ସ୍ୱଳ୍ପ ଖର୍ଚ୍ଚରେ ଏପରି ଏକ ସକାରାତ୍ମକ ଶିକ୍ଷଣ ପରିବେଶ ସୃଷ୍ଟି କରିପାରିବେ, ଯାହାଦ୍ୱାରା ଶିକ୍ଷାର୍ଥୀମାନେ ଅନେକ ଉପାୟରେ ଶିକ୍ଷଣରେ ସଫଳତା ହାସଲ କରିପାରିବେ ।

ଯେତେବେଳେ ଶିକ୍ଷାର୍ଥୀମାନେ ସମସ୍ୟାର ଅନୁସନ୍ଧାନ କରିବାକୁ ବା ସମସ୍ୟା ସମାଧାନ ଦ୍ୱାରା ଚିନ୍ତନ ଦକ୍ଷତାର ବିକାଶ କରିବାକୁ ସକ୍ରିୟ ଭାବେ ଅଂଶଗ୍ରହଣ କରନ୍ତି, ଶିକ୍ଷଣକାର୍ଯ୍ୟଗୁଡ଼ିକ ଅଧିକ ଉତ୍ସାହ ପ୍ରଦ ହୋଇଥାଏ । ତେବେ ଜଣେ ଶିକ୍ଷକ ହିସାବରେ ଆପଣଙ୍କୁ ପ୍ରଥମେ ଶ୍ରେଣୀ କକ୍ଷରେ କେଉଁ ପ୍ରକାରର ପରିବେଶ ଆବଶ୍ୟକ କରୁଛନ୍ତି ତାହା ଯତ୍ନର ସହ ଚିନ୍ତା କରିବାକୁ ପଡ଼ିବ ଯେଉଁଠି ଶିକ୍ଷାର୍ଥୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବେ । ଯଦି ଆପଣ ଏକ କମ ସମ୍ବଳ ଥିବା ବିଦ୍ୟାଳୟରେ କାମ କରୁଥାନ୍ତି, ତେବେ ଏହା ସହଜ ନୁହେଁ । କିନ୍ତୁ ଆପଣ ଯଦି ଜଣେ କୁଶଳୀ କିମ୍ବା ଦକ୍ଷ ଶିକ୍ଷକ ହୋଇଥାନ୍ତି ତେବେ ଆପଣ ନିଜର ଶ୍ରେଣୀ କକ୍ଷକୁ ରଙ୍ଗୀନ୍ ଓ ଉଦ୍ଦୀପନା ପୂର୍ଣ୍ଣ କରି ପାରିବେ । ଏହା ଶିକ୍ଷାର୍ଥୀଙ୍କୁ ଅଭିପ୍ରେରଣା ଯୋଗାଇ ଦେବାରେ ଓ ସଫଳତା ହାସଲ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଦର୍ଶାଇବେ ।




ଚିତ୍ର 1 : ଗୋଟିଏ ରଂଗୀନ ଓ ଉଦ୍ଦୀପନା ସୃଷ୍ଟି କରୁଥିବା ଶ୍ରେଣୀ ଯାହାକି ଶିକ୍ଷାର୍ଥୀଙ୍କର ମନୋବୃତ୍ତି ପରିବର୍ତ୍ତନ ଓ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିଥାଏ ।

## 1 ଅର୍ନ୍ତନିବେଶୀ ପରିବେଶର ବିକାଶ କରିବା ।

ଭିଡ଼ିଓ : ସମସ୍ତଙ୍କୁ ସମ୍ପୃକ୍ତ କରିବା

ଶିକ୍ଷଣକାର୍ଯ୍ୟ-1 କରିବା ପୂର୍ବରୁ ଭିଡ଼ିଓ କ୍ଲିପ୍ ଦେଖନ୍ତୁ କିପରି ସବୁ ଶିକ୍ଷାର୍ଥୀଙ୍କୁ ନିୟମିତ ଭାବେ ନିୟୋଜିତ କରାଯାଇଛି । ସେହିଭଳି ସମ୍ବଳ-1କୁ ପଢ଼ନ୍ତୁ କିପରି ସମସ୍ତଙ୍କୁ ଅଂଶ ଗ୍ରହଣ କରିବା ପାଇଁ ସୁଯୋଗ ଦିଆଯାଇଛି । ଆପଣ ଯେତେବେଳେ ଶ୍ରେଣୀକକ୍ଷକୁ ଅର୍ନ୍ତନିବେଶୀ କରିବା ପାଇଁ ଚେଷ୍ଟା କରିବେ, ଏହା ଆପଣଙ୍କୁ ଏ ସମ୍ପର୍କରେ ଥିବା ମୁଖ୍ୟ ଧାରଣା ଦେବ ଓ ବିଷୟକୁ ବୁଝିବାରେ ସାହାଯ୍ୟ କରିବ ।

### ଶିକ୍ଷଣକାର୍ଯ୍ୟ-1: ଶ୍ରେଣୀଗୃହର ସମୀକ୍ଷା

ଆସନ୍ତା ସପ୍ତାହର ଗୋଟିଏ ଦିନର ଶେଷ ପର୍ଯ୍ୟାୟରେ ଆପଣ ପଢ଼ାଉଥିବା ଶ୍ରେଣୀ କକ୍ଷଟିକୁ କିଛି ସମୟ ପାଇଁ ଲକ୍ଷ୍ୟ କରନ୍ତୁ । ଏଥିରେ ଥିବା ସମସ୍ତ ଭଲ ଜିନିଷଗୁଡ଼ିକର ତାଲିକା ପ୍ରସ୍ତୁତ କରନ୍ତୁ । ଉଦାହରଣ ସ୍ୱରୂପ:- ଏହା ଗରମ କି ଥଣ୍ଡା । ଆପଣ ଶ୍ରେଣୀକକ୍ଷ ପାଇଁ ଅତ୍ୟାବଶ୍ୟକ ଦଶଟି ଜିନିଷର ତାଲିକା କରନ୍ତୁ । ଉଦାହରଣ ସ୍ୱରୂପ:

- ଜିନିଷ ଦେଖାଇବା ପାଇଁ ଗୋଟିଏ ଟେବୁଲ୍ ।
- ଡ୍ରଇଁ କରିବା ପାଇଁ କିଛି କାଗଜ ।
- ଶିକ୍ଷାର୍ଥୀମାନଙ୍କ ପାଇଁ ଚେୟାର ଟେବୁଲ୍ ।

ଏମାନଙ୍କ ମଧ୍ୟରୁ କେଉଁଗୁଡ଼ିକ ଅତ୍ୟାବଶ୍ୟକ ? ଏହା ଆପଣ ନିଜ ପରିବେଶରୁ ମାଗଣାରେ ପାଇପାରିବେ କି ଏବଂ ନିଜର ଶ୍ରେଣୀ କକ୍ଷକୁ ସଜାଇବା ପାଇଁ ଆଉ କେଉଁ ଜିନିଷ ଆପଣ ବଦଳାଇ ପାରିବେ, ସେଗୁଡ଼ିକୁ ତାଲିକା କରି ରଖିଦିଅନ୍ତୁ ଯାହା ଆପଣ ପରେ ବ୍ୟବହାର କରିପାରିବେ ।

## ପରିସ୍ଥିତି ଅନୁଧ୍ୟାନ 1 : ଶ୍ରେଣୀକକ୍ଷରେ ଶ୍ରୀମତୀ କବିତାଙ୍କ ଅନୁସନ୍ଧାନ

*ଶ୍ରୀମତୀ କବିତା ପଞ୍ଚମ ଶ୍ରେଣୀରେ ପଢ଼ାନ୍ତି । ସେ ଅଙ୍କୁରୋଦ୍‌ଗମ ପ୍ରକ୍ରିୟା କିପରି ହେଉଛି, ଶିକ୍ଷାର୍ଥୀମାନଙ୍କ ସହିତ ଅନୁସନ୍ଧାନ କଲେ । କିଛି ସପ୍ତାହ ପୂର୍ବରୁ ଅନ୍ୟ ଏକ ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିବା ସମୟରେ ସେ କିଛି ସମୟ ପଟ୍ଟନାୟକ ସାର୍‌ଙ୍କ ସହିତ କଥାବାର୍ତ୍ତା କରିଥିଲେ । ଜଣେ ଶିକ୍ଷକ ହିସାବରେ ତାଙ୍କ ଉପରେ ଓ ତାଙ୍କ ଶିକ୍ଷାର୍ଥୀଙ୍କ ଉପରେ ଶ୍ରେଣୀ କକ୍ଷଟି କିପରି ପ୍ରଭାବ ପକାଇଥିଲା, ଏହା ଦେଖି ସେ ପ୍ରସନ୍ନ ହୋଇଥିଲେ । ତା'ପରେ ସେ କ'ଣ ଓ କାହିଁକି କଲେ, ସେହି ବିଷୟରେ ବର୍ଣ୍ଣନା କରିଛନ୍ତି ।*

ଗୋଟିଏ ଅନୁସନ୍ଧାନମୂଳକ କାର୍ଯ୍ୟ ମାଧ୍ୟମରେ ମୁଁ ଶିକ୍ଷାର୍ଥୀମାନଙ୍କୁ ସହ ଅଙ୍କୁରୋଦ୍‌ଗମ ପ୍ରକ୍ରିୟାକୁ ଦେଖିବା ପାଇଁ ଇଚ୍ଛା କଲି, ଯାହାକି ବହିରେ ଦିଆଯାଇଥିଲା । ଅନୁସନ୍ଧାନ କରିବା ପୂର୍ବରୁ ଶିକ୍ଷାର୍ଥୀମାନଙ୍କୁ କାର୍ଯ୍ୟ କରିବାକୁ ଆଗ୍ରହୀ କରିବା ପାଇଁ ଶ୍ରେଣୀ କକ୍ଷକୁ ଆକର୍ଷଣୀୟ ଓ ରଙ୍ଗୀନ୍ କରାଇଲି । ମୁଁ ଶ୍ରେଣୀ କକ୍ଷଟିକୁ ଆଉଥରେ ସଜାଡ଼ି ଦେବାକୁ ଇଚ୍ଛା କଲି ଯେପରି ଶିକ୍ଷାର୍ଥୀମାନେ ଦଳଗତ କାର୍ଯ୍ୟ କରିବା ସମୟରେ ଅଧିକ ଏପଟ ସେପଟ ହେବାକୁ ପଡ଼ିବ ନାହିଁ ।

କିଛି ସପ୍ତାହ ପୂର୍ବରୁ ମୋ ବିଦ୍ୟାଳୟ ଠାରୁ କିଛି ମାଇଲ୍ ଦୂରରେ ଥିବା ବିଦ୍ୟାଳୟକୁ ପରିଦର୍ଶନ କରିବାକୁ ଯାଇଥିଲି । ମୁଁ ଶୁଣିଥିଲି ଯେ ପଟ୍ଟନାୟକ ସାର୍ କୌଣସି ସମ୍ବଳ ନକିଣି ନିଜ ଶ୍ରେଣୀ କକ୍ଷକୁ ବହୁତ ରଙ୍ଗୀନ ଓ ଆକର୍ଷଣୀୟ କରିପାରିଛନ୍ତି । ମୁଁ ସେହି ଶ୍ରେଣୀକକ୍ଷର ଚାରିଆଡ଼େ ଅନାଇ ଦେଖିଲି ଯେ ସେ ନିଜେ ଓ ତାଙ୍କ ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଅଙ୍କନ କରାଯାଇଥିବା ଛବିଗୁଡ଼ିକ କାନ୍ଥରେ ଟଙ୍ଗା ଯାଇଛି । ସେ ପ୍ରତ୍ୟେକ ଚିତ୍ର ତଳେ କାଗଜରେ କିଛି ପ୍ରଶ୍ନ ଲେଖିଛନ୍ତି । ଯାହାକୁ ଶିକ୍ଷାର୍ଥୀମାନେ ଦେଖି ଉତ୍ତର କରିବେ । ସେ କହିଲେ ଯେ ଶିକ୍ଷାର୍ଥୀମାନେ ଏ ସବୁ ଦେଖିବାକୁ ଭଲ ପାଆନ୍ତି ଏବଂ ବିଷୟବସ୍ତୁ ଉପରେ ନିଜ ନିଜ ଭିତରେ କଥାବାର୍ତ୍ତା ହୁଅନ୍ତି ।

ତାଙ୍କର ମଧ୍ୟ ଗୋଟିଏ ସମ୍ବଳ ବାକ୍ସ ଥିଲା, ଯେଉଁଥିରେ ସେ ପୁନଃବ୍ୟବହାର ଏବଂ ପୁନଃଚକ୍ରଣ ଜିନିଷଗୁଡ଼ିକୁ ରଖିଥିଲେ, ଯାହାକୁ ଶିକ୍ଷଣ ସମୟରେ ବ୍ୟବହାର କରୁଥିଲେ । କିଛି ସପ୍ତାହ ପର୍ଯ୍ୟନ୍ତ ମୁଁ ମୋର ଶ୍ରେଣୀ କକ୍ଷକୁ କିପରି ଅଧିକ ଉତ୍ସାହଜନକ କରିପାରିବି ସେ ଦିଗରୁ ଚିନ୍ତା କଲି । ଅନେକ ପ୍ରଶ୍ନ ମୋ ମନକୁ ଆସିଲା:

- ମୁଁ କିପରି ମୋ ଶିକ୍ଷାର୍ଥୀମାନଙ୍କର ବସିବା ବ୍ୟବସ୍ଥା କରିବି ଯେପରି ସମସ୍ତେ ଶ୍ରେଣୀ କକ୍ଷର ଅଧିକ ଅଂଶ ବ୍ୟବହାର କରିପାରିବେ ?
- କାନ୍ଥ ଗୁଡ଼ିକୁ ଆକର୍ଷଣୀୟ କରିବା ପାଇଁ ମୁଁ କ'ଣ କରିବି ?
- କ'ଣ ସବୁ ସମ୍ବଳ ମୋର ଦରକାର, କେଉଁଠୁ ମୁଁ ଏସବୁ ଗୁଡ଼ିକ ପାଇବି ?
- ଶିକ୍ଷାର୍ଥୀମାନେ ଏସବୁ ବିଷୟରେ କ'ଣ ଚିନ୍ତା କରନ୍ତି ? ମୁଁ କିଛି ପରିବର୍ତ୍ତନ କରିପାରିବି କି ?
- ଆମେ କ'ଣ କରିପାରିବା ସେ ବିଷୟରେ ଚିନ୍ତା କରିବା ପାଇଁ ସେମାନଙ୍କୁ ନିୟୋଜିତ କରିବି କି ? ଏହା ମୁଁ କିପରି କରିବି ?
- ଅଙ୍କୁରୋଦ୍‌ଗମ ପଢ଼ାଇବା ସମୟରେ ମୁଁ ଏହି ପ୍ରକ୍ରିୟାକୁ କିପରି ଆରମ୍ଭ କରିବି ?

ମୁଁ ନିଷ୍ପତ୍ତି ନେଲି ଏସବୁର ପରିବର୍ତ୍ତନ ଆଣିବା ପାଇଁ ମୁଁ ମୋର ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରିବା ପାଇଁ କହିବି । ମୋର ଦୁଇଟା ଛୋଟ ଏବଂ ବଡ଼ ବାକ୍ସ କଳାପଟା ତଳେ ରଖାଯାଇଥିଲା । ମୁଁ ସେଥିପାଇଁ ଅଧିକ ବ୍ୟସ୍ତ ହେଲି ନାହିଁ। ମୁଁ ସେ ଦୁଇଟିକୁ ଘୁଞ୍ଚାଇଦେଇ ତା' ଉପରେ ଏବଂ କାନ୍ଥରେ ଜିନିଷ ସବୁ ଦେଖାଇବା ପାଇଁ ଚେଷ୍ଟା କଲି ।

ମୁଁ ଯେଉଁ ଗାଁରେ ରହେ ଗୋଟେ ମାସ ଭିତରେ ତା'ର ଘରିପାଖରେ ଥିବା ପଦାର୍ଥ ମଧ୍ୟରୁ ଯେଉଁ ଗୁଡ଼ିକୁ ପୁନଃଚକ୍ରଣ ଓ ପୁନଃ ବ୍ୟବହାର କରିହେବ, ତାକୁ ଏକାଠି କରି ଗୋଟିଏ ବାକ୍ସରେ ରଖିଥିଲି । ଆହୁରି ମଧ୍ୟ ଦୋକାନୀମାନଙ୍କ ଠାରୁ କାର୍ଡ଼ବୋର୍ଡ଼, ପେଟି

ଯେଉଁଗୁଡ଼ିକୁ ସେମାନେ ଫିଙ୍ଗି ଦେଉଥିଲେ, ସେଗୁଡ଼ିକୁ ମୁଁ ମୋ ବିଦ୍ୟାଳୟ ପାଇଁ ଆଣିଥିଲି । ଲୋକଟି ପ୍ରଥମେ ଅନିଚ୍ଛୁକ ଥିଲା କିନ୍ତୁ ଯେତେବେଳେ ମୁଁ କହିଲି ଏହା ଶିକ୍ଷାର୍ଥୀଙ୍କ ଶିକ୍ଷଣ ପାଇଁ ସାହାଯ୍ୟ କରିବି ସେତେବେଳେ ସେ ରାଜି ହୋଇଗଲା । ମୁଁ ବିଦ୍ୟାଳୟ ଅଫିସ୍‌ରୁ ଲଫାଫାଗୁଡ଼ିକୁ ସଂଗ୍ରହ କଲି ଏବଂ କିଛି ବଡ଼ କାଗଜ ଫର୍ଦ୍ଦ ପାଇଲି, ଏସବୁକୁ ମୁଁ ପୋଷ୍ଟର ପାଇଁ ବ୍ୟବହାର କରିବାକୁ ଓ ଶିକ୍ଷାର୍ଥୀଙ୍କର ମାନସମନ୍ଥନ ପାଇଁ ବ୍ୟବହାର କରିବାକୁ ରଖିଲି । ଶେଷରେ ମୁଁ ଭାବିଲି ଯେ ମୁଁ ବହୁତ ସମୟ ଚିନ୍ତା କରିବାରେ ବିତାଇଲିଣି । ଯଦି ମୁଁ ମୋର ଶ୍ରେଣୀ କକ୍ଷକୁ କିଛି ଭିନ୍ନ ଢ଼ଙ୍ଗରେ ଦେଖାଇବାକୁ ଚାହେଁ ତେବେ ମୋତେ କିଛି କାର୍ଯ୍ୟ କରିବାକୁ ପଡ଼ିବ । ଏକ ବିଜ୍ଞାନ ପାଠର ଶେଷ ଭାଗରେ ଶ୍ରେଣୀ ଗୃହ ବିଷୟରେ ଶିକ୍ଷାର୍ଥୀମାନଙ୍କୁ ତିନୋଟି ପ୍ରଶ୍ନ ପଚାରିବା ପାଇଁ ଦଶମିନିଟ୍ ସମୟ ନେଲି ।

- ଏହି ଶ୍ରେଣୀରେ ତୁମକୁ କ'ଣ ସବୁ ଭଲ ଲାଗୁଛି ?
- କ'ଣ ସବୁ ଭଲ ଲାଗୁ ନାହିଁ ?
- ଏହି ଶ୍ରେଣୀ କକ୍ଷକୁ ସୁନ୍ଦର ଏବଂ ଅଧିକ ଆକର୍ଷଣୀୟ କରିବା ପାଇଁ ତୁମମାନେ କ'ଣ କରିବ ବୋଲି ଚିନ୍ତା କରୁଛ ?

ଯେହେତୁ ସେମାନେ ଦଳରେ କାର୍ଯ୍ୟ କରୁଥିଲେ । ସେମାନେ ପରସ୍ପର ମଧ୍ୟରେ ଆଲୋଚନା କଲେ ଏବଂ ଜଣେ ଶିକ୍ଷାର୍ଥୀଙ୍କୁ ସେମାନଙ୍କର ପ୍ରତିକ୍ରିୟା ଏବଂ ଉପାୟକୁ ଗୋଟିଏ କାଗଜ ଫର୍ଦ୍ଦରେ ଲେଖିବାକୁ କହିଲି । ପ୍ରତ୍ୟେକ ଦଳ ମୌଖିକ ଭାବରେ ସେମାନଙ୍କର ତିନୋଟି ଉତ୍ତର କହିଲେ ଏବଂ ମୁଁ ସେଗୁଡ଼ିକ କଳାପଟାରେ ଲେଖିଲି । ମୁଁ ତୁମର ତାଲିକାଗୁଡ଼ିକୁ ପଢ଼ିବି ବୋଲି କହିଲି ଏବଂ ପରବର୍ତ୍ତୀ ଶ୍ରେଣୀରେ ଆମେ ଯେତେବେଳେ ଅଙ୍କୁରୋଦ୍‌ଗମ ଅନ୍ୱେଷଣ କରିବା ସେତେବେଳେ ପ୍ରଥମେ ଆମେ କ'ଣ କରିବା ଓ କିପରି କରିବା ସେ ସଂପର୍କରେ ଠିକ୍ କରିବା । ସେମାନେ କ'ଣ କରିପାରିବେ ସେ ବିଷୟରେ ଦୃଢ଼ ଭାବରେ କଥାବାର୍ତ୍ତା ହୋଇ ଶ୍ରେଣୀ କକ୍ଷ ପରିତ୍ୟାଗ କଲେ ।



ଟିକିଏ ଚିନ୍ତା କରନ୍ତୁ

- ନିଜର ଶ୍ରେଣୀଗୃହକୁ ଚିତ୍ତାକର୍ଷକ କରିବା ପାଇଁ ଶ୍ରୀମତୀ କବିତାଙ୍କର ପନ୍ଥା ଓ କାରଣ ପ୍ରତି ଆପଣଙ୍କ ମତ କ'ଣ ?
- ତାଙ୍କର ଚିନ୍ତାଧାରା ଭିତରୁ ଆପଣ କେଉଁଗୁଡ଼ିକୁ କାର୍ଯ୍ୟରେ ଲଗାଇବା ପାଇଁ ଚିନ୍ତା କରିବେ ।

ଶ୍ରେଣୀକକ୍ଷର ପରିବର୍ତ୍ତନ ବିଷୟରେ ଶିକ୍ଷାର୍ଥୀମାନଙ୍କୁ କହିସାରିବା ପରେ ଶ୍ରୀମତୀ କବିତା ନିଶ୍ଚିତ କଲେ ଯେ ସେମାନଙ୍କର ଇଚ୍ଛା ଅନୁସାରେ ସେ ସବୁ ଶିକ୍ଷାର୍ଥୀଙ୍କୁ ନେଇ ଶ୍ରେଣୀ କକ୍ଷର ପରିବର୍ତ୍ତନ କରିବେ । ତେଣୁ ସେ କେବଳ ଭୌତିକ ପରିବେଶର ପରିବର୍ତ୍ତନ ନ କରି ତାଙ୍କର ଶ୍ରେଣୀ କକ୍ଷ ଭିତରେ ପାରସ୍ପରିକ ଭାବବିନିମୟ ପାଇଁ ସୁଯୋଗ ସୃଷ୍ଟି କରିଥିଲେ । ଏହା ଦ୍ୱାରା ସେ ଜଣାଇବାକୁ ଚାହୁଁଥିଲେ ଯେ ସେ ବ୍ୟକ୍ତିଗତ ଭାବରେ ସେମାନଙ୍କ ଚିନ୍ତାଧାରାକୁ ସମ୍ମାନ ଦିଅନ୍ତି ଏବଂ ସେମାନଙ୍କ ଆଲୋଚନାରେ ଅଂଶଗ୍ରହଣ କରନ୍ତି । ଉଭୟ ଶିକ୍ଷାର୍ଥୀଙ୍କୁ ଅଧିକ ଶକ୍ତିଶାଳୀ କରିବ ।

## 2 ବୌଦ୍ଧିକ ସ୍ଥାନର ବିକାଶ

ଜଣେ ଶିକ୍ଷକ ହିସାବରେ ଏକ ଫଳପ୍ରଦ ଶିକ୍ଷଣ ପରିବେଶ ପାଇଁ କିଛି ବୌଦ୍ଧିକ ସ୍ଥାନ ରଖିବା ଦରକାର । ଶ୍ରେଣୀକକ୍ଷ ମଧ୍ୟରେ ଏପରି ସ୍ଥାନଟିଏ ଚିହ୍ନଟ କରିବେ ଯେଉଁଠାରେ ଆପଣଙ୍କ ଶିକ୍ଷାର୍ଥୀମାନେ ବୁଦ୍ଧିମତାର ସହିତ ଆପଣଙ୍କ ଆଶାନୁସାରେ କାର୍ଯ୍ୟ କରିପାରିବେ । ଉତ୍ସାହ ଏବଂ ପ୍ରେରଣା ଯୋଗାଉଥିବା ପରିବେଶଟିଏ ସୃଷ୍ଟି କରାଗଲେ ଆପଣଙ୍କ ଶିକ୍ଷାର୍ଥୀମାନେ ନିଜର ଶିକ୍ଷଣ ପ୍ରତି ଅଧିକ ସଚେତନ ହେବେ । ଆପଣ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଆବଶ୍ୟକତାକୁ ବୁଝି ପାରିଲେ ସେହି ଅନୁସାରେ ଶିକ୍ଷଣକାର୍ଯ୍ୟ ପ୍ରସ୍ତୁତ କରିବେ ଯାହାକି ସେମାନଙ୍କର ଶିକ୍ଷଣର ଉନ୍ନତି ହେବାରେ ସାହାଯ୍ୟ କରିବ ।

ଭିଡ଼ିଓ: ପାଠ ଯୋଜନା

ଗୋଟିଏ ଭଲ ଯୋଜନାର ଗୁରୁତ୍ୱ ଜାଣିବା ପାଇଁ ଆପଣ ମୁଖ୍ୟ ସମ୍ବଳ "ଶିକ୍ଷଣ ଯୋଜନା"ଟି ପଢ଼ିବା ପାଇଁ ଇଚ୍ଛା କରିବେ ତା'ପରେ ସମ୍ବଳ-2 'ଅନ୍ୱେଷଣ' ବିଷୟରେ ଏବଂ ସମ୍ବଳ ପଢ଼ିବା ଦ୍ୱାରା ଆପଣ ଶିକ୍ଷାର୍ଥୀମାନଙ୍କୁ କେତେବେଳେ ଓ କିପରି "ଅନ୍ୱେଷଣ ପାଇଁ ଯୋଜନା କରିବାରେ ସଂପୃକ୍ତ କରାଇବେ, ଜାଣିପାରିବେ ।

## ଶିକ୍ଷଣକାର୍ଯ୍ୟ-2: ଚିନ୍ତନ ପାଇଁ ସୁଯୋଗ ସୃଷ୍ଟି

ଅଙ୍କୁରୋଦ୍‌ଗମ ବିଷୟରେ ପଢ଼ାଇବାବେଳେ ଏହା ଗୁରୁତ୍ୱପୂର୍ଣ୍ଣ ଯେ, କେଉଁ ଅବସ୍ଥାରେ ଅଙ୍କୁରୋଦ୍ଗମ ଭଲ ହୁଏ ସେ ବିଷୟରେ ଅନ୍ୱେଷଣ କରିବା । ଆପଣ ଶିକ୍ଷାର୍ଥୀମାନଙ୍କ ସହିତ ଅଙ୍କୁରୋଦ୍‌ଗମ ବିଷୟରେ ଅନ୍ୱେଷଣ କରିବା ସମୟରେ ଦେଖନ୍ତୁ ଅଙ୍କୁରୋଦ୍‌ଗମ ପାଇଁ ମଞ୍ଜିର କ'ଣ ସବୁ ଆବଶ୍ୟକ ? ଯଥା ସମ୍ଭବ ସମସ୍ତ ଶିକ୍ଷାର୍ଥୀଙ୍କୁ ଏହି ଅନ୍ୱେଷଣ ପ୍ରକ୍ରିୟାରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରନ୍ତୁ । ଆପଣ ଶିକ୍ଷାର୍ଥୀମାନଙ୍କୁ ସହିତ ଅନ୍ୱେଷଣ କରିବା ସମୟରେ ଦେଖିବା ଉଚିତ୍ ଯେ, କେଉଁ ମଞ୍ଜି ଅଙ୍କୁରୋଦ୍‌ଗମ ପାଇଁ କେତେ ସମୟ ନେଉଛି । ଏହା କରିବା ପୂର୍ବରୁ, ଦେଖନ୍ତୁ ନିମ୍ନରେ କେତେକ ପ୍ରଶ୍ନ ଦିଆଯାଇଛି ଯାହାକି ଆପଣଙ୍କୁ ମୁଖ୍ୟ ଜିନିଷ ଉପରେ ଚିନ୍ତାକରିବା ପାଇଁ ସାହାଯ୍ୟ କରିବ ।

ଏହି ପ୍ରଶ୍ନ ଗୁଡ଼ିକ ଚିନ୍ତା କରନ୍ତୁ:

- ଅଙ୍କୁରୋଦ୍‌ଗମ ବିଷୟରେ ଆପଣଙ୍କ ଶିକ୍ଷାର୍ଥୀମାନେ କ'ଣ ଶିଖିବେ ବୋଲି ଆପଣ ଚାହୁଁଛନ୍ତି ?
- ପ୍ରସଙ୍ଗଟିକୁ ଆପଣ କିପରି ଆରମ୍ଭ କରିବେ ?
- ଶିକ୍ଷଣ ସମୟରେ ଆପଣ ସେମାନଙ୍କୁ ଦଳରେ କିପରି ପରିଚାଳନା କରିବେ ?
- ପ୍ରତ୍ୟେକ ପ୍ରସଙ୍ଗ ପଢ଼ାଇବା ସମୟରେ ଶ୍ରେଣୀକକ୍ଷର ଶିକ୍ଷଣ ପରିବେଶ ଉନ୍ନତ କରିବା ପାଇଁ ଆପଣଙ୍କର ମନୋଭାବକୁ, ସେମାନଙ୍କୁ କିପରି ପରିଚିତ କରାଇବେ ?
- ଆପଣ କ'ଣ ସବୁ ସମ୍ବଳ ଆବଶ୍ୟକ କରନ୍ତି ? ଏସବୁ ଆପଣ କିପରି ପାଇବେ ?
- ଶିକ୍ଷାର୍ଥୀମାନେ ଆପଣଙ୍କୁ କିପରି ସାହାଯ୍ୟ କରିବେ ?
- ଆପଣ ସେମାନଙ୍କୁ କିପରି ସାହାଯ୍ୟ କରିବାକୁ କହିବେ ଯଦ୍ୱାରା ପ୍ରକଳ୍ପଟିକୁ ସେମାନେ ନିଜର ବୋଲି ଭାବିବେ ଏବଂ ଦାୟିତ୍ୱର ସହିତ କାର୍ଯ୍ୟ କରିବେ ?
- ସମ୍ବଳଗୁଡ଼ିକୁ ଏକାଠି କରିବା ପାଇଁ କେତେ ସମୟ ଦରକାର ହେବ ?
- ପ୍ରଥମ ପାଠ ପାଇଁ ଆପଣ କେଉଁ ତାରିଖ ସ୍ଥିର କରିବେ ?
- ଆପଣ କିପରି "ଅନ୍ୱେଷଣ" ଆରମ୍ଭ କରିବେ ?
- ଆପଣ ସମ୍ବଳକୁ କିପରି ପରିଚାଳନା କରିବେ ?
- ଆପଣ କେଉଁ ସବୁ ପରିସ୍ଥିତିକୁ ନିୟନ୍ତ୍ରଣ କରି, ଅନ୍ୱେଷଣ ପାଇଁ ଯୋଜନା ପ୍ରସ୍ତୁତ କରିବାରେ ଶିକ୍ଷାର୍ଥୀମାନଙ୍କୁ ସାମିଲ କରାଇବେ ?

ଆପଣ ଯୋଜନାଟି ଲେଖି ଅନ୍ୱେଷଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ତାରିଖ ଠିକ୍ କରନ୍ତୁ ଶ୍ରେଣୀ କକ୍ଷକୁ ଅଧିକ ରଙ୍ଗୀନ୍ ଓ ଆନନ୍ଦଦାୟକ କରିବା ପାଇଁ କିପରି ବିଭିନ୍ନ ସମ୍ବଳ ଏକାଠି କରିବେ ବର୍ଣ୍ଣନା କରନ୍ତୁ ।

### ଟିକିଏ ଚିନ୍ତା କରନ୍ତୁ

- ବର୍ତ୍ତମାନ ଆପଣ କ'ଣ କରିବାକୁ ଯାଉଛନ୍ତି ସେ ବିଷୟରେ ଆପଣଙ୍କ ମନରେ ସ୍ପଷ୍ଟ ଧାରଣା ସୃଷ୍ଟି ଅଛି କି ?
- ଆପଣ ଆପଣଙ୍କ ଶିକ୍ଷାର୍ଥୀମାନଙ୍କର ମତାମତକୁ ଗ୍ରହଣ କରିବା ପାଇଁ ରାଜି ତ ?

ଏହା ଗୁରୁତ୍ୱପୂର୍ଣ୍ଣ ଯେ ଶିକ୍ଷାର୍ଥୀମାନଙ୍କ ସହିତ ଶ୍ରେଣୀ କକ୍ଷର ଉନ୍ନତି ପାଇଁ କାର୍ଯ୍ୟ କରିବା ସମୟରେ ଆପଣଙ୍କର ଉଦ୍ଦେଶ୍ୟ ଯଥା ସମ୍ଭବ ଉପଯୁକ୍ତ ହେବା ଉଚିତ୍ । ଏକାଥରେ ଅଧିକ ଗୁଡ଼ିଏ କରିବା ପାଇଁ ଚେଷ୍ଟା କରନ୍ତୁ ନାହିଁ । ଯଦି ଶ୍ରେଣୀରେ ଅଧିକ ସଂଖ୍ୟକ ଶିକ୍ଷାର୍ଥୀ ଅଛନ୍ତି ତେବେ ଆପଣ କିଛି ଛୋଟ ଛୋଟ ପରିବର୍ତ୍ତନ କରିପାରିବେ ଯାହାକି ଶିକ୍ଷଣ ପରିବେଶର ପରିବର୍ତ୍ତନ ଆଣିପାରିବ ଏବଂ ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରିବ । ଅଙ୍କୁରୋଦ୍‌ଗମ ବିଷୟରେ ଅନ୍ୱେଷଣ କରିବା ଏକ ଉତ୍ତମ କାର୍ଯ୍ୟ ଯାହାକି ଶ୍ରେଣୀକକ୍ଷର ଭୌତିକ ଓ ଶୈକ୍ଷିକ ବାତାବରଣ ଉପରେ ପ୍ରଭାବ ପକାଇଥାଏ, ତା ସହିତ ଏକ ଦୃଢ଼ ଶିକ୍ଷଣ ପରିବେଶ ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ । ଏହା ମଧ୍ୟ ବିଜ୍ଞାନ ପାଠ୍ୟକ୍ରମର ଏକ ଅଂଶ ଏବଂ ଏକ ନୂତନ ପ୍ରକ୍ରିୟା ଯାହାକି ବିଜ୍ଞାନ ଶିକ୍ଷଣକୁ ସାହାଯ୍ୟ କରିବ ।

## ଶିକ୍ଷଣକାର୍ଯ୍ୟ-3 : ସମ୍ବଳ ଏବଂ ଧାରଣାଗୁଡ଼ିକୁ ଏକାଠି କରିବା

ଏହି କାର୍ଯ୍ୟଟି କରିବା ପୂର୍ବରୁ ସମ୍ବଳ-3 "ଆଞ୍ଚଳିକ ସମ୍ବଳର ବ୍ୟବହାର"ଟିକୁ ପଢ଼ନ୍ତୁ । ଯେଉଁଥିରେ ଶ୍ରେଣୀକକ୍ଷର ପରିବେଶକୁ ଉନ୍ନତି କରିବା ପାଇଁ ଉପାୟ ସମ୍ପର୍କରେ ଆଲୋଚନା କରାଯାଇଛି ।

ପ୍ରାୟ 15 ମିନିଟ୍ ପର୍ଯ୍ୟନ୍ତ ଆପଣ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କ ସହ ଆଲୋଚନା କରନ୍ତୁ । ସେମାନେ କିପରି ନିଜ ଶ୍ରେଣୀ କକ୍ଷର ଉନ୍ନତି କରିପାରିବେ ସେ ବିଷୟରେ ଚିନ୍ତା କରିବାକୁ କୁହନ୍ତୁ । ଆପଣ ଶିକ୍ଷଣକାର୍ଯ୍ୟ-1 ବିଷୟରେ ସେମାନଙ୍କୁ ମନେପକାଇ ଦିଅନ୍ତୁ । ଆପଣ କ'ଣ ଭାବିଥିଲେ ଏବଂ କ'ଣ କରିବାକୁ ଚାହୁଁଛନ୍ତି ।

ଶିକ୍ଷାର୍ଥୀମାନେ ଶ୍ରେଣୀକକ୍ଷ ପରିବେଶର ଉନ୍ନତି ପାଇଁ ମତାମତ ଦେଲା ପରେ, ପ୍ରତ୍ୟେକ ଦଳର ନେତାଙ୍କୁ ନିଜର ମତାମତ ସଂଗ୍ରହ ପାଇଁ କିଛି ସମୟ ଦିଅନ୍ତୁ । ପ୍ରତ୍ୟେକ ଦଳର ନେତା ଉପସ୍ଥାପନ କରିଥିବା ପଏଣ୍ଟ ଆପଣ କଳାପଟାରେ ଗୁରୁତ୍ୱକୁ ଦୃଷ୍ଟିରେ ରଖି କ୍ରମରେ ଲେଖନ୍ତୁ । ଉଦାହରଣ ସ୍ୱରୂପ: ସେମାନେ କହିପାରନ୍ତି ଯେ, ମଞ୍ଜି ପାଇଁ ପତ୍ର ଯୋଗାଡ଼ କରିବା ଏବଂ କିଛି ମଞ୍ଜି ଯୋଗାଡ଼ କରିବାକୁ ପ୍ରଥମେ ପ୍ରାଧାନ୍ୟ ଦିଆଯିବ । ତା'ପରେ କାଗଜ ଏବଂ କାର୍ଡ଼ (Card) ଦେଖାଇବା ପାଇଁ ରଖାଯିବ କିମ୍ବା ଆପଣଙ୍କ ଶ୍ରେଣୀ କକ୍ଷରେ ଯଦି ଭଲ ସମ୍ବଳ ଥିବ ତେବେ ଆପଣଙ୍କ ଶ୍ରେଣୀ କକ୍ଷକୁ ଅନ୍ୟ ଉପାୟରେ ସଜେଇପାରନ୍ତି । ଆପଣଙ୍କ ଚାରିପାଖରେ ଥିବା ଜିନିଷକୁ ସଜାଇବା ପାଇଁ ଯୋଜନା କରିବାରେ ଶିକ୍ଷାର୍ଥୀମାନଙ୍କର ସାହାଯ୍ୟ ନେଇପାରନ୍ତି ଉଦାହରଣ ସ୍ୱରୂପ: ଯଦି ଆପଣଙ୍କ ନିକଟରେ କମ୍ପ୍ୟୁଟର ଥିବ ତେବେ ସେମାନେ ସହଜରେ ନିଜ କାର୍ଯ୍ୟକୁ ସେଥିରେ ଲେଖି ପାରିବେ କିମ୍ବା ଇଣ୍ଟରନେଟ୍‌ରୁ ତଥ୍ୟ ସଂଗ୍ରହ କରିପାରିବେ ଏବଂ ଆବଶ୍ୟକ ସ୍ଥଳେ ସେଥିରୁ ପ୍ରିଣ୍ଟ ବାହାର କରି ଅନ୍ୱେଷଣର ଉପଲବ୍ଧ ଗୁଡ଼ିକୁ ଅନ୍ୟମାନଙ୍କ ସହ ଆଲୋଚନା କରି ପାରିବେ ।

ଶିକ୍ଷାର୍ଥୀମାନଙ୍କୁ ସୂଚନା ଦିଅନ୍ତୁ, ସେମାନେ ସମ୍ବଳ ସଂଗ୍ରହ କରିବା ସମୟରେ ସ୍ଥାନୀୟ ଲୋକମାନଙ୍କୁ ଏପରି ବ୍ୟବହାର କରିବେ ଯେପରି ସେମାନେ ରାଗିବେ ନାହିଁ ବା ଦେବା ପାଇଁ ମନା କରିବେ ନାହିଁ । ସମ୍ବଳ ସଂଗ୍ରହ କରିବା ପୂର୍ବରୁ ସେମାନଙ୍କର ଅନୁମତି ନେବା ଏବଂ ସମ୍ବଳଗୁଡ଼ିକୁ ଭଲ ଭାବରେ ଶ୍ରେଣୀ କକ୍ଷରେ ସୁରକ୍ଷିତ ରଖିବା ପାଇଁ ଉପାୟ ସ୍ଥିର କରିବେ । ଶିକ୍ଷାର୍ଥୀମାନଙ୍କ ସହିତ ଆଲୋଚନା କରି ଶ୍ରେଣୀକକ୍ଷରେ ଶିକ୍ଷାର୍ଥୀମାନଙ୍କୁ ଏପରି ବସାନ୍ତୁ ଯେପରି ସମସ୍ତ ଶିକ୍ଷାର୍ଥୀ କଳାପଟାକୁ ଦେଖିପାରିବେ ଏବଂ ଶିକ୍ଷଣକାର୍ଯ୍ୟ ଓ ଆଲୋଚନାରେ ଅଂଶଗ୍ରହଣ କରିପାରିବେ ।

ଟିକିଏ ଚିନ୍ତା କରନ୍ତୁ:

- ଶ୍ରେଣୀ ଗୃହର ଉନ୍ନତି ପାଇଁ ପ୍ରକଳ୍ପ ପ୍ରତି ଆପଣଙ୍କ ଶିକ୍ଷାର୍ଥୀମାନଙ୍କର ମତାମତ କିପରି ଥିଲା ?
- ସେମାନଙ୍କର ଉତ୍ତର ଶୁଣି ଆପଣ ଆଶ୍ଚର୍ଯ୍ୟ ହୋଇଥିଲେ କି ? କେଉଁ ଉପାୟରେ ? ଶ୍ରେଣୀ କକ୍ଷର ପରିବେଶକୁ ପରିବର୍ତ୍ତନ କରିବାରେ ଆପଣ କେଉଁ ଉପାୟରେ ଅଧିକ ସମ୍ବଳ ସଂଗ୍ରହ କରିଥିଲେ ?
- ଏହି କାର୍ଯ୍ୟରେ ସମସ୍ତ ଶିକ୍ଷାର୍ଥୀମାନେ ଅଂଶଗ୍ରହଣ କରିଥିଲେ କି ?

## 3 ଶିକ୍ଷାର୍ଥୀମାନେ ନିଜକୁ ସୁରକ୍ଷିତ ମଣିବାରେ ସାହାଯ୍ୟ କରିବାକୁ ଶ୍ରେଣୀଗୃହ ରୁଟିନ୍ ତିଆରି କରିବା

ଜଣେ ପ୍ରଭାବଶାଳୀ ଶିକ୍ଷକ ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ସମୟରେ ନିଜ ଶ୍ରେଣୀ କକ୍ଷର ପରିବେଶକୁ ସାମଗ୍ରୀ ରୂପେ ବ୍ୟବହାର କରି ଶ୍ରେଣୀ ପରିଚାଳନା କରନ୍ତି । ଶିକ୍ଷାର୍ଥୀମାନଙ୍କ ଜ୍ଞାନର ବୃଦ୍ଧି ପାଇଁ ଶିକ୍ଷକ ନିଜ ଯୋଜନାରେ ଦୁଇଟି କଥା ଉପରେ ଧ୍ୟାନ ଦେବେ । ତାହା ହେଲା ନୀତି ନିୟମ ସହିତ ଶିକ୍ଷାର୍ଥୀମାନଙ୍କର ବ୍ୟବହାରରେ କ'ଣ ପରିବର୍ତ୍ତନ ଆଶା କରୁଛନ୍ତି ଓ ଏଥିରେ ଶିକ୍ଷାର୍ଥୀମାନେ କିପରି ଅଂଶଗ୍ରହଣ କରୁଛନ୍ତି ।

ସେହି ନୀତି ନିୟମଗୁଡ଼ିକୁ ଶିକ୍ଷକ ନିଜେ ତିଆରି କରି ଶିକ୍ଷାର୍ଥୀମାନଙ୍କୁ ମାନିବାକୁ ବାଧ୍ୟ ନ କରି ଶିକ୍ଷାର୍ଥୀମାନଙ୍କ ଦ୍ୱାରା ପ୍ରସ୍ତୁତ କରିବା ଉଚିତ୍ । ଏହା ନିଜ ନିଜ ମଧ୍ୟରେ ଏବଂ ଅନ୍ୟମାନଙ୍କୁ ବ୍ୟକ୍ତିଗତ ଦୃଷ୍ଟିରୁ ସମ୍ମାନ ଦେବା ପାଇଁ ସାମୂହିକ ଭାବେ ଦାୟିତ୍ୱ ବୋଧ ତିଆରି କରିବାର ଏକ ପନ୍ଥା ।

ଟିକିଏ ଚିନ୍ତା କରନ୍ତୁ

ଅଙ୍କୁରୋଦ୍‌ଗମ ବା ଅନ୍ୟ ବିଷୟରେ ଅନୁସନ୍ଧାନକୁ ବ୍ୟବହାର କରି ଆପଣ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ପରସ୍ପରକୁ ଶୁଣିବା ଓ ଭାବବିନିମୟ କରିବା ପାଇଁ ଆପଣ କିପରି ସ୍ପଷ୍ଟ ପ୍ରତ୍ୟାଶା ବୃଦ୍ଧି କରାଇ ପାରିବେ ?

### ପରିସ୍ଥିତି ଅନୁଧ୍ୟାନ 2: ଶ୍ରୀମତୀ ମହାନ୍ତିଙ୍କର ଅଙ୍କୁରୋଦ୍‌ଗମ ପାଇଁ ଅନ୍ୱେଷଣ ପ୍ରକ୍ରିୟା ଗୋଟିଏ ଉନ୍ନତ ଦତ୍ତକାର୍ଯ୍ୟ

*ଶ୍ରୀମତୀ ମହାନ୍ତି ଜଣେ ପ୍ରାଥମିକ ବିଜ୍ଞାନ ଶିକ୍ଷୟିତ୍ରୀ । ସେ ଶିକ୍ଷାର୍ଥୀମାନଙ୍କୁ ଅଙ୍କୁରୋଦ୍‌ଗମ ବିଷୟରେ ନିଜେ ଅନ୍ୱେଷଣ କରିବା ପାଇଁ ପ୍ରେରଣା ଦେଇଥିଲେ । ସେ ସେମାନଙ୍କୁ ଏକ ଗାଉଁଲି ସମ୍ପ୍ରଦାୟ ଭିତରେ ସେମାନଙ୍କ ଦୈନନ୍ଦିନ ଜୀବନ ସହ ଜଡ଼ିତ ଥିବା ଏକ କାର୍ଯ୍ୟ ଦେଇଥିଲେ । ସେ ତାଙ୍କର ଶିକ୍ଷାର୍ଥୀମାନଙ୍କୁ ଏକ ଚିଠି ପଢ଼ିବା ପାଇଁ ଦେଲେ ଏବଂ କହିଲେ ଯେ ଜଣେ ସ୍ଥାନୀୟ ଚାଷୀ ଶ୍ରୀଯୁକ୍ତ ସାହୁଙ୍କ ଦ୍ୱାରା ଲେଖା ହୋଇଥିଲା । (ଚିତ୍ର-୨)*

ପ୍ରିୟର ପଞ୍ଚମ ଶ୍ରେଣୀରେ ଶିକ୍ଷାର୍ଥୀମାନେ,

ମୁଁ ଶୁଣିବାକୁ ପାଇଲି ତୁମେ ମଞ୍ଜିରୁ ଅଙ୍କୁରୋଦ୍‌ଗମ କିପରି ହୁଏ, ସେ ସମ୍ପର୍କରେ ଶିକ୍ଷା କରୁଛ । ଗତ ବର୍ଷ ମୋର ମଞ୍ଜି ଗୁଡ଼ିକ ଭଲ ଭାବରେ ବଢ଼ି ପାରି ନ ଥିବାରୁ ମୁଁ ତୁମର ସାହାଯ୍ୟ ଦରକାର କରୁଛି । ମୁଁ ଘରୋଟି ବଡ଼ ପାତ୍ରରେ ଧରୁଥିବା ପରିମାଣର ସିମ୍ବ ରୋପଣ କରିଲି କିନ୍ତୁ ସେହି ଶସ୍ୟକୁ କିପରି ଦେଖାଶୁଣା କରାଯିବ, ତାହାର ଜ୍ଞାନ କୌଶଳ ମତେ ଜଣା ନଥିଲା । ତେଣୁ ମୁଁ କିପରି ସେମାନଙ୍କ ଯତ୍ନ ନେବି ଅନୁମାନ କରୁଥିଲି । ମୋର ନିରାଶ ଭାବର ଅନୁଭୂତି ଯୋଗୁଁ ଶସ୍ୟଗୁଡ଼ିକ ଭଲରେ ବଢ଼ି ପାରିଲେ ନାହିଁ । ଏ ବର୍ଷ ସେ ଭଳି ଭୁଲ୍ ଆଉଥରେ କରିବି ନାହିଁ ।

ଯଦି ତୁମେମାନେ ମଞ୍ଜିର ବୃଦ୍ଧି ପାଇଁ ସବୁଠାରୁ ଭଲ ଉପାୟଟି ବାହାର କରିପାରିବ ତେବେ ମୁଁ ତୁମ ନିକଟରେ କୃତଜ୍ଞତା ଜ୍ଞାପନ କରିବି । ତୁମେମାନେ ଏ ବିଷୟରେ ଗୋଟିଏ ଛୋଟ ସୂଚନା ଲେଖି ମୋତେ ପଠାଇ ପାରିବ କି ?

ସମୟ ଏବଂ ସାହାଯ୍ୟ ପାଇଁ ତୁମକୁ ବହୁତ ଧନ୍ୟବାଦ ।

ଶ୍ରୀଯୁକ୍ତ ସାହୁ

ସେମାନଙ୍କୁ, ପାଖକୁ ଆସିଥିବା ଚିଠିଟି ପଢ଼ିବା ମାତ୍ରେ ମୋ ଶିକ୍ଷାର୍ଥୀମାନେ ତାଙ୍କ ଅବସ୍ଥା ପାଇଁ ଚିନ୍ତା କଲେ ଏବଂ ତାକୁ ସାହାଯ୍ୟ କରିବାକୁ ଇଚ୍ଛା ପ୍ରକାଶ କଲେ ।

ପ୍ରଥମେ ମୁଁ ସୋମନଙ୍କୁ ଚିନ୍ତା କରିବାକୁ କହିଲି ଯେ ଗୋଟିଏ ସଫଳ ଅଙ୍କୁରୋଦ୍‌ଗମ ପାଇଁ କ’ଣ ସବୁ ଏକାନ୍ତ ଆବଶ୍ୟକ ଯାହାକି ମୁଁ କଳାପଟାରେ ଲେଖିପାରିବି । ତା’ପରେ ମୁଁ ମୋର ଶିକ୍ଷାର୍ଥୀମାନଙ୍କୁ ପଚାରିଲି ଯେ ଏହି ସୂଚନା ଠିକ୍ ଅଛି କି ନାହିଁ ଆମ୍ଭେମାନେ କିପରି ନିଶ୍ଚିତ ହେବା ? ଯଦି ଆମ୍ଭେମାନେ ଶ୍ରୀଯୁକ୍ତ ସାହୁଙ୍କୁ ଭୁଲ୍ ସୂଚନା ଦେବା ତେବେ ଏବଂ ତାଙ୍କର ମଞ୍ଜିଗୁଡ଼ିକ ଠିକ୍ ଭାବରେ ବଢ଼ିବନି । ତେବେ କ’ଣ ହେବ ?

ଶିକ୍ଷାର୍ଥୀମାନଙ୍କ ମଧ୍ୟରୁ ନିଶ୍ଚିତ ହେବା ପାଇଁ ଜଣେ ପ୍ରସ୍ତାବ ଦେଲେ ଯେ ଆମେ କିଛି ମଞ୍ଜି କିଣିବା ଏବଂ ତାକୁ ଭିନ୍ନ ଭିନ୍ନ ଅବସ୍ଥାରେ ବଢ଼ାଇବାକୁ ଚେଷ୍ଟା କରିବା ଯଦ୍ୱାରା କି ଶ୍ରୀଯୁକ୍ତ ସାହୁ ଠିକ୍ ସୂଚନା ଦେଇପାରିବେ । ତା’ପରଦିନ ମୁଁ କିଛି ମଞ୍ଜି ବିଦ୍ୟାଳୟକୁ ନେଇ ଆସିଲି ।

ମୋ ଶିକ୍ଷାର୍ଥୀମାନଙ୍କୁ 6ଟି ଦଳରେ ଭାଗକଲି ଏବଂ ସେମାନେ କ’ଣ ବାହାର କରିବାକୁ ଚାହୁଁଛନ୍ତି ଯାହାକି ଶ୍ରୀଯୁକ୍ତ ସାହୁଙ୍କୁ ସାହାଯ୍ୟ କରିବ ସେ ବିଷୟରେ ଚିନ୍ତା କରିବାକୁ କହିଲି । ମଞ୍ଜିଟି ବୃଦ୍ଧି ହେବା ସମୟରେ ଆମେ କିପରି ତାକୁ ଲିପିବଦ୍ଧ କରିବା ସେ ବିଷୟରେ ଜାଣିଥିବା ଯେକୌଣସି ପ୍ରଶ୍ନ ଲେଖିବା ପାଇଁ କହିଲି । ଶ୍ରେଣୀକକ୍ଷ ପରିବେଶର ଉନ୍ନତି କରଣ ଏବଂ ଅନ୍ୱେଷଣର ଫଳାଫଳକୁ ଆମ୍ଭମାନଙ୍କ ଭିତରେ ଆଲୋଚନା କରିବା ମୋର ଇଚ୍ଛା ବୋଲି ମୁଁ ସେମାନଙ୍କୁ ଜଣାଇଦେଲି । ଏପରିକି ଏକ ଉପାୟ ସ୍ଥିର କର ଯେପରି ଆମେ ସେଗୁଡ଼ିକ ଆମ ଭିତରେ ବ୍ୟବହାର କରିବା ଏବଂ ଆମ ଶ୍ରେଣୀ କକ୍ଷର ଉନ୍ନତି କରିପାରିବା ।

ମୁଁ ସେମାନଙ୍କର କଥା ଶୁଣିବା ପାଇଁ ସେମାନଙ୍କ ଦଳ ଚାରିପାଖରେ ବୁଲି ଆସିଲି । ଯେତେବେଳେ ମୁଁ ଦଳଗତ କାର୍ଯ୍ୟ ବନ୍ଦ କରି ଦଳଗତ ଉପସ୍ଥାପନା କରିବା ପାଇଁ କହିଲି ସେତେବେଳେ ସେମାନଙ୍କର କଥା ଶୁଣି ଆଶ୍ଚର୍ଯ୍ୟ ହୋଇଗଲି । ଗୋଟିଏ ଦଳ ପ୍ରଶ୍ନ ପଚାରିଲା ଯେ ଅଧିକ ପାଣି ଦେଲେ କ’ଣ ମଞ୍ଜି ଗୁଡ଼ିକ ମରିଯିବ କି ? ଆମ୍ଭେମାନେ ଆଲୋଚନା କଲୁ ଯେ ଏହି ଧାରଣାଟିର କିପରି ଅନୁସନ୍ଧାନ କରିବା ଏବଂ ପ୍ରତ୍ୟେକ ଦଳ ରାଜି ହେଲେ ଯେ କେତେକ ମଞ୍ଜିର ବୃଦ୍ଧି ପାଇଁ ସମସ୍ତ ଉପାଦାନ ଯୋଗାଇ ଦେବେ ।

ପ୍ରତ୍ୟେକ ଦଳ କିଛି ମଞ୍ଜିପାଇଁ ଆଲୋକ, ଜଳ, ମାଟି ପ୍ରତି ଦୃଷ୍ଟି ଦେଲେ ନାହିଁ । ଗୋଟିଏ ଦଳ ଏକ ପାତ୍ରରେ ମଞ୍ଜି ଲଗାଇ ଅଧିକ ପାଣି ଦେଲେ ଏବଂ ଅନ୍ୟ ଏକ ଦଳ ମଞ୍ଜି ଲଗାଇ ତାକୁ ଫ୍ରିଜ୍‌ରେ ରଖିଦେଲେ ।

ମୁଁ ମୋର ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ପର୍ଯ୍ୟବେକ୍ଷଣ ଲେଖିବା ପାଇଁ ଏକ ସାରଣୀ ଦେଲି ଏବଂ ମଞ୍ଜିଗୁଡ଼ିକୁ ଦେଖି ଓ ପ୍ରାୟ ଦୁଇ ସପ୍ତାହ ପର୍ଯ୍ୟନ୍ତ ପ୍ରତି ଦୁଇଦିନ ଅନ୍ତରରେ ସେମାନଙ୍କର ପର୍ଯ୍ୟବେକ୍ଷଣ ଲେଖିବାକୁ କହିଲି । କେତେକ ଶିକ୍ଷାର୍ଥୀ ସେମାନଙ୍କ ପର୍ଯ୍ୟବେକ୍ଷଣକୁ ଛବି ମାଧ୍ୟମରେ ଦର୍ଶାଇଲେ । ଅନ୍ୟମାନେ ଏହାକୁ ନାମାଙ୍କନ କଲେ ଏବଂ ଶିରୋନାମା ଦେଲେ । ସମସ୍ତେ ଗଛର ବୃଦ୍ଧିକୁ ଏକ ସ୍କେଲ୍ ସାହାଯ୍ୟରେ ମାପିଲେ ।



ଚିତ୍ର 3 : ବିନା ଆଲୋକରେ ଥିବା ମଞ୍ଜି ।

ଯାହା ସେମାନେ କରିଛନ୍ତି ତା'ର ଫଳାଫଳକୁ ଜଣାଇବା ପାଇଁ ପ୍ରତ୍ୟେକ ପାତ୍ରରେ ଉପରେ ଥିବା କାନ୍ଥରେ ସାରଣୀ ଗୁଡ଼ିକୁ ରଖିଲୁ । ପ୍ରତ୍ୟେକ ଦଳର ନାମକରଣ କରାଗଲା । ଏଭଳି କରାଗଲା ଯେପରି ସେମାନେ ପ୍ରତ୍ୟେକ ସେମାନଙ୍କର ଗଛ ବିଷୟରେ ପଢ଼ିପାରିବେ । ମୁଁ "ଅଙ୍କୁରୋଦ୍‌ଗମ" ନାମକ ଏକ ପୋଷ୍ଟର କଲି ଏବଂ ସେମାନେ କ'ଣ କରିଥିଲେ ଏବଂ କ'ଣ ଦେଖାଇଥିଲେ ସେ ସବୁ ସାରଣୀ ପଛକଡ଼ରେ ଲେଖିଥିଲେ । ସେମାନେ କେତେ ମଞ୍ଜିଗୁଡ଼ିକୁ ଦେଖିଛନ୍ତି ଏବଂ କ'ଣ ଘଟିଲା ସେ ବିଷୟରେ ପରସ୍ପର ମଧ୍ୟରେ କଥା ହେଉଥିବାର ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଯେତେବେଳେ ସେମାନେ ସତର୍କତାର ସହିତ ମାଟି ଭିତରେ ପ୍ରଥମେ ଅଙ୍କୁରିତ ଦୃଶ୍ୟ ଦେଖିଲେ ସେତେବେଳେ ସେମାନେ ଚମତ୍କୃତ ହୋଇଥିଲେ ।

ତିନିସପ୍ତାହ ପରେ ସେମାନେ ତାଙ୍କର ମଞ୍ଜି ସହିତ କ'ଣ କଲେ, କ'ଣ ପ୍ରମାଣ ସଂଗ୍ରହ କଲେ ଓ ଏହି ପ୍ରମାଣ ମଞ୍ଜି ବୃଦ୍ଧି ବିଷୟରେ କ'ଣ କହୁଛି ବ୍ୟାଖ୍ୟା କରି ସେ ବିଷୟରେ ଶ୍ରୀଯୁକ୍ତ ସାହୁଙ୍କ ପାଖକୁ ଚିଠିଟିଏ ଲେଖିବା ପାଇଁ ମୁଁ ସେମାନଙ୍କୁ କହିଲି ।

ମୁଁ କାନ୍ଥର ଉପରି ଭାଗରେ ସାରଣୀଟିକୁ ଟାଙ୍ଗି ଦେଲି । ପରେ ଯେତେବେଳେ ଗଛଲତା ସମ୍ପର୍କିତ କିଛି କାର୍ଯ୍ୟ କରୁଥିଲୁ ସେତେବେଳେ ଦେଖାଯାଉଥିବା ଅଙ୍କୁରୋଦ୍‌ଗମ ପାଖରେ ରଖିଥିଲୁ । ମୋର ଯୋଜନା ହେଲା ପ୍ରତି ବଡ଼ ପ୍ରସଙ୍ଗ ଉପସ୍ଥାପନା ପାଇଁ କିଛି ପ୍ରଦର୍ଶନ କରାଇବି ସଦାବେଳେ ଶିକ୍ଷାର୍ଥୀମାନଙ୍କୁ କାମ ନଦେଇ ବିଦ୍ୟାଳୟରେ ଥିବା ଚାର୍ଟ ବ୍ୟବହାର କରିପାରିବି ।

କାନ୍ଥଟି କିପରି ଦେଖିବାକୁ ସୁନ୍ଦର କରିହେବ ନିର୍ଦ୍ଦିଷ୍ଟ ଜ୍ଞାନକୁ ଭିତ୍ତିକରି ଶିକ୍ଷାର୍ଥୀ ବାରମ୍ବାର ମନ୍ତବ୍ୟ ପ୍ରକାଶ କରୁଥିଲେ । ଶିକ୍ଷାର୍ଥୀମାନେ କହିଲେ ଯେ ଯାହା ଭଲ ଲାଗେ, ତାକୁ କାନ୍ଥରେ ଲଗାଇ ସେ ସମ୍ପର୍କରେ ମନ୍ତବ୍ୟ ପ୍ରକାଶ କରିବା ପାଇଁ ସେମାନଙ୍କୁ ଭଲ ଲାଗେ । ଏହା ସେମାନଙ୍କର ଆଗ୍ରହ ଉଦ୍ଦୀପନାକୁ ନିଶ୍ଚିତ କରାଇବ ।

### ଟିକିଏ ଚିନ୍ତା କରନ୍ତୁ

- ଶ୍ରୀମତୀ ମହାନ୍ତିଙ୍କର ପାଠ ତାଙ୍କର ଶିକ୍ଷାର୍ଥୀମାନଙ୍କ ପାଇଁ ଗୋଟିଏ ସଫଳ ଶିକ୍ଷଣ ହେବ ବୋଲି ଆପଣ କ'ଣ ଚିନ୍ତା କରୁଛନ୍ତି ?
- ଆପଣଙ୍କ ଶ୍ରେଣୀକକ୍ଷ ଏବଂ ଶିକ୍ଷଣ ପ୍ରକ୍ରିୟା ପାଇଁ ଆପଣ କେଉଁ ପଦ୍ଧତି ବ୍ୟବହାର କରିବେ ?

## ଶିକ୍ଷଣକାର୍ଯ୍ୟ-4 : ଅଙ୍କୁରୋଦ୍‌ଗମ ବିଷୟରେ ଅନ୍ୱେଷଣ

ଶିକ୍ଷାର୍ଥୀମାନେ ଅନ୍ୱେଷଣ କରିବା ପାଇଁ । ଆପଣ ଶିକ୍ଷଣକାର୍ଯ୍ୟ- ୨ ର ଉତ୍ତରକୁ ବ୍ୟବହାର କରି ଯୋଜନାକୁ ପରିମାର୍ଜିତ କରିବେ । ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ ଏହାକୁ କିପରି ପରିଚିତ କରାଇବେ ? ଶ୍ରୀମତୀ ମହାନ୍ତି ପରି ଚିଠିଟିଏ ବ୍ୟବହାର କରିପାରିବେ କି ? ଆପଣଙ୍କ ଶିକ୍ଷାର୍ଥୀମାନଙ୍କର ଯୋଜନା ଏବଂ ପ୍ରଶ୍ନର ଉତ୍ତର ବିଷୟରେ ଅଙ୍କୁରୋଦ୍‌ଗମ ପାଇଁ ସବୁଠାରୁ ଭଲ ସର୍ତ୍ତ କ'ଣ ହୋଇପାରେ ବୋଲି ଚିନ୍ତା କରିବା ପାଇଁ କିପରି ସେମାନଙ୍କୁ ଉତ୍ସାହିତ କରିବେ ? ଆପଣ କେଉଁଠାରେ ଘରାଗୁଡ଼ିକ ରଖିବ ଏବଂ କେଉଁଠାରେ ଲିପିବଦ୍ଧ ଫଳକକୁ ଦର୍ଶାଇପାରିବ ଚିହ୍ନଟ କରନ୍ତୁ । (ଗୋଟିଏ ଲିପିବଦ୍ଧ ଫଳକର ନମୁନା ପାଇଁ ସମ୍ବଳ-୪ ଦେଖନ୍ତୁ) ଏହି ପ୍ରଦର୍ଶନୀକୁ ବିଦ୍ୟାଳୟ ଏବଂ ଶ୍ରେଣୀକକ୍ଷ ଭିତରେ ବହୁତ ଦର୍ଶକଙ୍କ ସମ୍ମୁଖରେ ଅନୁସନ୍ଧାନର ସିଦ୍ଧାନ୍ତକୁ ପ୍ରଦାନ କରିବା ପାଇଁ କିପରି ଉନ୍ନତି କରିବେ ଚିନ୍ତା କରନ୍ତୁ ।

ବର୍ତ୍ତମାନ ଆପଣ ଶିକ୍ଷାର୍ଥୀମାନଙ୍କୁ ଅଙ୍କୁରୋଦ୍‌ଗମ ପାଇଁ ଶିକ୍ଷା ଦିଅନ୍ତୁ ।



ଟିକିଏ ଚିନ୍ତା କରନ୍ତୁ

- ବିଭିନ୍ନ କାର୍ଯ୍ୟ ପ୍ରତି ଆପଣଙ୍କ ଶିକ୍ଷାର୍ଥୀମାନେ କିପରି ପ୍ରତିକ୍ରିୟା ଦେଖାଇଲେ ?
- କୌଣସି ଶିକ୍ଷାର୍ଥୀମାନଙ୍କର ମତାମତରେ ଆପଣ ଆଶ୍ଚର୍ଯ୍ୟ ହେଲେ କି ?
- ସମସ୍ତ ଶିକ୍ଷାର୍ଥୀମାନେ ସାମିଲ୍ ହୋଇଥିଲେ କି ? ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀମାନେ ଅନ୍ୱେଷଣକୁ ସମ୍ପାଦନ କରିବାରେ କେତେ ଭଲଭାବରେ ସହଯୋଗ କଲେ ? ସେମାନେ ଆସନ୍ତାଥର ଅଧିକ ସାହାଯ୍ୟ ଦରକାର କରିବେ କି ? ଯଦି ହଁ, ତେବେ କ'ଣ ?
- ଆପଣ ଏବଂ ଆପଣଙ୍କ ଶିକ୍ଷାର୍ଥୀମାନେ ଫଳାଫଳରେ ଖୁସି ହେଲେ କି ?
- ଏହା ଶ୍ରେଣୀ କକ୍ଷର ଶିକ୍ଷଣ ପରିବେଶକୁ ଅଧିକ ମଜାଦାର ଏବଂ ଉଦ୍ଦୀପିତ କରୁଥିଲା କି ?
- ଆସନ୍ତାଥର ଆପଣ ଆଉ କ'ଣ କ'ଣ ଅଲଗା କରିପାରିବେ ?

## 4 ବିକାଶ କରୁଥିବା ଶିକ୍ଷଣ ପରିବେଶ

ଶ୍ରେଣୀଗୃହ ପରିବେଶକୁ ଉନ୍ନତ କରିବା ବଢ଼ାଇବା ପାଇଁ, ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ପାଇଁ ଏବଂ ସେମାନଙ୍କୁ ଶିକ୍ଷାପ୍ରତି ପ୍ରୋତ୍ସାହିତ କରିବା ପାଇଁ ଅନେକ ଗୁଡ଼ିଏ ଉପାୟ ବା ମାର୍ଗ ଅଛି । ଉଦାହରଣ ସ୍ୱରୂପ: ବିଜ୍ଞାନ ପ୍ରତି ଶିକ୍ଷାର୍ଥୀମାନଙ୍କର ଆଗ୍ରହ ବଢ଼ାଇବା ପାଇଁ ଗୋଟିଏ ମାର୍ଗ ହେଉଛି ସମ୍ବାଦ ପ୍ରାଚୀର । ଏଥିରେ ଆପଣ ଏବଂ ଆପଣଙ୍କ ଶିକ୍ଷାର୍ଥୀମାନଙ୍କର ବିଜ୍ଞାନ ସମ୍ବନ୍ଧୀୟ କିଛି ଲେଖା ଏବଂ ଅନ୍ୟ ବ୍ୟକ୍ତିମାନଙ୍କର ମନ୍ତବ୍ୟକୁ ଖବର କାଗଜରୁ କାଟି ଲଗାଇବେ । ଅନ୍ୟ ଶିକ୍ଷାର୍ଥୀମାନେ ଏହାକୁ ଦେଖିବେ, ଯାହାଦ୍ୱାରା ସେମାନେ ବିଜ୍ଞାନ ଶିକ୍ଷଣ ପ୍ରତି (ବିଜ୍ଞାନ) ଅଧିକ ଉତ୍ସାହିତ ହେବେ । ଫଳରେ ବିଜ୍ଞାନ ସମ୍ବନ୍ଧରେ ଆଲୋଚନା କରିବେ ଏବଂ ସେମାନଙ୍କ ଚିନ୍ତାଧାରାକୁ ପରସ୍ପରଙ୍କ ସହ ବାଣ୍ଟିବେ । ଆପଣ ମଧ୍ୟ ଅନ୍ୟ କିଛି ଉପାୟ ଚିନ୍ତା କରି ଶ୍ରେଣୀଗୃହକୁ ଅଧିକ ଆନନ୍ଦଦାୟକ ଓ କୌତୁହଳପୂର୍ଣ୍ଣ କରିପାରିବେ ।

## 5 ସାରାଂଶ

ଏହି ଅଂଶଟି ସୂଚିତ କରୁଛି ଯେ, କିପରି ଗୋଟିଏ ଛୋଟିଆ ପରିବର୍ତ୍ତନ ଏବଂ ନୂତନ କାର୍ଯ୍ୟ ନିର୍ଘଣ୍ଟର ଭୂମିକା ଏବଂ କାର୍ଯ୍ୟକରିବାର କୌଶଳ, ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଏକ ବିରାଟ ପରିବର୍ତ୍ତନ ସୃଷ୍ଟି କରିପାରିବ । ଅଙ୍କୁରୋଦଗ୍‌ମ ପାଇଁ ଆବଶ୍ୟକ ଅନୁକୂଳ ପରିସ୍ଥିତିଗୁଡ଼ିକ ଅନୁସନ୍ଧାନ କରିବା ଦ୍ୱାରା ଏହି ଏକକ ଶ୍ରେଣୀଗୃହର ଶିକ୍ଷଣ ପରିବେଶକୁ ଉନ୍ନତ କରିବା ପାଇଁ ବିଭିନ୍ନ ଉପାୟ

ଅନ୍ୱେଷଣ କରି ପାରିଛି । ଭୌତିକ ପରିବେଶକୁ ଶିକ୍ଷଣର ଏକ ଅଙ୍ଗ ଭାବରେ ବ୍ୟବହାର କରି ଶିକ୍ଷାର୍ଥୀମାନଙ୍କୁ ଶିକ୍ଷଣ ପ୍ରତି ଅଧିକ ନିକଟତର କରାଇ ହେବ ଏବଂ ଶିକ୍ଷଣକୁ ଅଧିକ ଆନନ୍ଦଦାୟକ କରିହେବ ଶିକ୍ଷଣ ପ୍ରତି ପ୍ରୋତ୍ସାହିତ କରିହେବ ଏବଂ ଶିକ୍ଷାର୍ଥୀମାନଙ୍କୁ ଏହି ଶିକ୍ଷଣକାର୍ଯ୍ୟରେ ଅନ୍ତର୍ଭୁକ୍ତ କରାଇ ଶ୍ରେଣୀଗୃହ ପରିବେଶକୁ ଉନ୍ନତ କରିହେବ ଏହି ପ୍ରକ୍ରିୟା ଦ୍ୱାରା ଆପଣ ଏକ ନିରାପଦ ପରିବେଶ ସୃଷ୍ଟି କରାଇପାରିବେ, ଯେଉଁଠାରେ କି ଶିକ୍ଷଣ ଅଧିକ ଫଳପ୍ରଦ ହୋଇପାରିବ । ଏହା ଶିକ୍ଷାର୍ଥୀମାନଙ୍କର ଆତ୍ମବିଶ୍ୱାସ ଏବଂ ସମ୍ମାନ ବୃଦ୍ଧି କରିବା ସହ ସେମାନେ କୌଣସି ସମସ୍ୟା ଥିଲେ ସମାଧାନ କରିବାରେ ସାହାଯ୍ୟ କରିବ ।

ଜଣେ ଶିକ୍ଷକ ହିସାବରେ ଆପଣଙ୍କ ଦାୟିତ୍ୱ ଅଛି ଯେ, ଶିକ୍ଷାର୍ଥୀମାନଙ୍କୁ ଅଧିକ ଜାଣିବା ପାଇଁ ସେମାନଙ୍କୁ ଅଧିକ ସୁଯୋଗ ଦେବା ଆବଶ୍ୟକ । ସୁଯୋଗଗୁଡ଼ିକ ଯାହାକି ଅର୍ଥପୂର୍ଣ୍ଣ ଓ ଶିକ୍ଷାର୍ଥୀମାନଙ୍କର ଅନୁଭୂତି ଉପରେ ଆଧାରିତ ଏବଂ ସେମାନଙ୍କ ଦକ୍ଷତା ଓ ଜୀବନ ସମ୍ବନ୍ଧୀୟ ଏବଂ ଦୈନନ୍ଦୀନ ଜୀବନରେ ଆବଶ୍ୟକ, ଏସବୁ ସେମାନଙ୍କୁ ଶିକ୍ଷଣ ପରିସରକୁ ବୃଦ୍ଧି କରିଥାଏ ।

ଶିକ୍ଷଣକୁ ଫଳପ୍ରଦ କରିବା ପାଇଁ ଶିକ୍ଷାର୍ଥୀମାନଙ୍କର ଚିନ୍ତନ ଦକ୍ଷତା, ଯଥା-କଥୋପକଥନ, ଏକ୍ରତୀକରଣ ଏବଂ ବ୍ୟାଖ୍ୟାକରଣ ଦକ୍ଷତା ରହିବା ଆବଶ୍ୟକ । ଭବିଷ୍ୟତରେ ଜଟିଳ ଚିନ୍ତନର ବିକାଶ ପାଇଁ ଏହା ସାହାଯ୍ୟ କରିଥାଏ ।

## ସମ୍ବଳ

## ସମ୍ବଳ 1 : ସମସ୍ତଙ୍କୁ ଅନ୍ତର୍ଭୁକ୍ତ କରିବା

### 'ସମସ୍ତଙ୍କୁ ଅନ୍ତର୍ଭୁକ୍ତ କରିବା' କହିଲେ କ'ଣ ବୁଝାଯାଏ ?

ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସଂସ୍କୃତିଗତ ବିଭିନ୍ନତା ଏବଂ ପରିବେଶଗତ ପାର୍ଥକ୍ୟ ପ୍ରତିଫଳିତ ହୋଇଥାଏ । ପ୍ରତ୍ୟେକ ଶିକ୍ଷାର୍ଥୀମାନଙ୍କର ଭାଷା, ଦକ୍ଷତା ଏବଂ ଆଗ୍ରହ ଭିନ୍ନ ଭିନ୍ନ । ସେମାନେ ବିଭିନ୍ନ ସାମାଜିକ ଏବଂ ଅର୍ଥନୈତିକ ପରିବେଶରୁ ଆସିଥାନ୍ତି । ଆମେ ଏହି ବିଭିନ୍ନତାକୁ ଉପେକ୍ଷା କରିପାରିବା ନାହିଁ । ବାସ୍ତବରେ ଆମେ ଏହାକୁ ସମ୍ମାନ ପ୍ରଦର୍ଶନ କରିବା ଉଚିତ୍ । ସେମାନେ ପରସ୍ପର ସହ ଭାବର ଆଦାନ ପ୍ରଦାନର ମାଧ୍ୟମ ହୋଇପାରିବେ ଏବଂ ଏହି ବିଶ୍ୱ ଆମ୍ଭମାନଙ୍କ ଅଧୀନସ୍ଥ ହେବ ଆମର ଅଭିଜ୍ଞତା ବଳରେ । ସମସ୍ତ ଶିକ୍ଷାର୍ଥୀମାନଙ୍କର ଶିକ୍ଷା ଗ୍ରହଣ କରିବାର ଅଧିକାର ଅଛି ଏବଂ ସମସ୍ତଙ୍କୁ ସମାନ ଭାବରେ ସେମାନଙ୍କର ଦକ୍ଷତା, କୌଶଳ, ସ୍ତର ଚଳିଚଳଣୀ ଏବଂ ପରିବେଶକୁ ଦେଖି ଶିକ୍ଷଣ ପାଇଁ ସୁଯୋଗ ଦେବା । ଏହି ନିୟମକୁ ଭାରତୀୟ ସମ୍ବିଧାନ ଏବଂ ଶିଶୁମାନଙ୍କର ଆନ୍ତର୍ଜାତିକ ସ୍ତରୀୟ ଅଧିକାରରେ ସ୍ୱୀକୃତି ପ୍ରଦାନ କରାଯାଇଛି । ୨୦୧୪ ମସିହା, ଭାରତର ପ୍ରଧାନ ମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ଦାମୋଦର ଦାସ ମୋଦି ପ୍ରଥମେ ଭାଷଣରେ ସମସ୍ତ ନାଗରିକମାନଙ୍କୁ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଏବଂ ଅର୍ଥନୈତିକ ପରିସ୍ଥିତି ନିର୍ବିଶେଷରେ ଗୁରୁତ୍ୱ ଏବଂ ସମ୍ମାନ ଦେବା ପାଇଁ ଆହ୍ୱାନ କରିଥିଲେ । ଏହି କାର୍ଯ୍ୟରେ ଶିକ୍ଷକ ଏବଂ ବିଦ୍ୟାଳୟର ଏକ ଦାୟିତ୍ୱପୂର୍ଣ୍ଣ ଏବଂ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଭାର ଗ୍ରହଣ କରିବାକୁ ପଡ଼ିବ ।

ଆମ୍ଭମାନଙ୍କ ମଧ୍ୟରେ ଅନ୍ୟମାନଙ୍କ ପାଇଁ ପକ୍ଷପାତିତା ମନୋଭାବ ସୃଷ୍ଟି ହୁଏ ଏବଂ ମନରେ ମଧ୍ୟ ଅଛି । ଜଣେ ଶିକ୍ଷକ ହିସାବରେ ଆପଣ ସେହି ଶକ୍ତିକୁ ଆହରଣ କରିବା ଆବଶ୍ୟକ ଯାହା ଦ୍ୱାରା ଶିକ୍ଷାର୍ଥୀମାନଙ୍କୁ ଅନୁଭୂତି ଓ କେଉଁଟି ଠିକ ମାର୍ଗ ଏବଂ କେଉଁଟି ଠିକ୍ ମାର୍ଗ ନୁହେଁ, କୁପ୍ରଭାବିତ କରିପାରିବାର ଶକ୍ତି ଆପଣଙ୍କର ଜ୍ଞାତରେ ହେଉ ବା ଅଜ୍ଞାତରେ ହେଉ ଆପଣଙ୍କ ପକ୍ଷପାତିତା ମନୋଭାବ ଏବଂ ଦୃଷ୍ଟିଭଙ୍ଗୀ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଉପରେ ପ୍ରଭାବ ପକାଇଥାଏ । ଶିକ୍ଷାର୍ଥୀମାନଙ୍କ ପ୍ରତି ଅସମାନ ଆଚରଣ ପ୍ରଦର୍ଶନ ବିରୁଦ୍ଧରେ ଆପଣ କିଛି ପଦକ୍ଷେପ ନେଇପାରିବେ ।

### ସମସ୍ତଙ୍କୁ ଶିକ୍ଷଣରେ ଭାଗୀଦାର କରାଇବା ପାଇଁ ତିନୋଟି ମୁଖ୍ୟ ନିୟମ

କ. **ଧ୍ୟାନ ଦେବା :** ସାଧାରଣତଃ ଉତ୍ତମ ଶିକ୍ଷକମାନେ ଭଲଭାବେ ପର୍ଯ୍ୟବେକ୍ଷଣ କ୍ଷମ, ଅନୁଭୂତିକ୍ଷମ ଓ ସମ୍ବେଦନକ୍ଷମ । ଶିକ୍ଷାର୍ଥୀମାନଙ୍କର କ'ଣ ସବୁ ପରିବର୍ତ୍ତନ ହେଉଛି, ତାହା ଉପଲବ୍ଧି କରିପାରନ୍ତି । ଜଣେ ଶିକ୍ଷକଙ୍କ ନିକଟରେ ଯଦି

ପର୍ଯ୍ୟବେକ୍ଷଣ କ୍ଷମତା ଥିବା, ଶିକ୍ଷାର୍ଥୀଟି କେତେବେଳେ ଭଲ କରୁଛି, କେତେବେଳେ ସାହାଯ୍ୟ ଦରକାର କରୁଛି, ଏବଂ ଅନ୍ୟମାନଙ୍କ ସହିତ ଶିକ୍ଷାର୍ଥୀଟିର ସମ୍ପର୍କ କିପରି ତାହା ଜାଣି ପାରିବେ । ଶିକ୍ଷାର୍ଥୀଟି ପାଖରେ କ'ଣ ସବୁ ପରିବର୍ତ୍ତନ ହେଉଛି, ତାକୁ ଘର ତଥା ବାହାର ପରିବେଶରେ ଲକ୍ଷ୍ୟ କଲେ ଜାଣିପାରିବେ । କୌଣସି କାର୍ଯ୍ୟରେ ସମସ୍ତଙ୍କୁ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ଦେବା ଅର୍ଥ, ଶିକ୍ଷକଙ୍କୁ ଶିଶୁର ପ୍ରତିଦିନର କାର୍ଯ୍ୟକଳାକୁ ଭଲ ଭାବରେ ଲକ୍ଷ୍ୟ କରିବାକୁ ପଡ଼ିବ । ଯେଉଁ ଶିକ୍ଷାର୍ଥୀଟି ଭାଗ ନେଇ ପାରୁନାହିଁ ବା ପଛୁଆ ବର୍ଗର ତା ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ ।

ଖ. **ସ୍ୱାଭିମାନକୁ ଗୁରୁତ୍ୱ ଦେବା :** ଯେଉଁମାନେ ସମସ୍ତଙ୍କ ସହିତ ଭଲରେ ଚଳି ପାରନ୍ତି, ସେମାନଙ୍କୁ ଆମେ ଉତ୍ତମ ନାଗରିକ କହିଥାଉ । ସେହିମାନଙ୍କର ସ୍ୱାଭିମାନଥାଏ, ଯେଉଁମାନେ କି ନିଜର ସାମର୍ଥ୍ୟ ଓ ଦୁର୍ବଳତା ଜାଣିଥାଆନ୍ତି । ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ସହିତ ଭଲ ସମ୍ପର୍କ ରଖିବାରେ ସକ୍ଷମ ହୋଇଥାଆନ୍ତି । ସେମାନେ ନିଜର ସମ୍ମାନ ରକ୍ଷା କରିବା ସହିତ ଅନ୍ୟମାନଙ୍କୁ ମଧ୍ୟ ସମ୍ମାନ ଦେଇଥାଆନ୍ତି । ଜଣେ ଶିକ୍ଷକ ହିସାବରେ ଯୁବକମାନଙ୍କର ସ୍ୱାଭିମାନ ରକ୍ଷା କରିବାର ଆପଣଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ ସେ ବିଷୟରେ ଜାଣି ଆପଣ ପ୍ରତ୍ୟେକ ଶିକ୍ଷାର୍ଥୀକୁ ସ୍ୱାଭିମାନ କରିବାରେ ସାହାଯ୍ୟ କରି ପାରିବେ ।

ଗ. **ନମନୀୟତା :** ଯଦି କୌଣସି ଶିକ୍ଷଣକାର୍ଯ୍ୟ କଲାବେଳେ ଶ୍ରେଣୀ କୋଠରୀ, ମଧ୍ୟରେ କୌଣସି ସ୍ୱତନ୍ତ୍ର ଶିକ୍ଷାର୍ଥୀ ପାଇଁ ବା ଦଳଗତ କାର୍ଯ୍ୟ ପାଇଁ କାମ କଲା ନାହିଁ, ତେବେ ଆପଣ ଯୋଜନା ପରିବର୍ତ୍ତନ କରିବା ବା ଶିକ୍ଷଣକାର୍ଯ୍ୟକୁ ବନ୍ଦ କରିଦେବା ଆବଶ୍ୟକ । ନମନୀୟ ହେବାଦ୍ୱାରା ଆପଣ କୌଣସି କାର୍ଯ୍ୟରେ ସବୁ ଶିକ୍ଷାର୍ଥୀଙ୍କର ଅଂଶଗ୍ରହଣକୁ ନିଶ୍ଚିତ କରିପାରିବେ ଏବଂ ନିଜେ ମଧ୍ୟ ଖାପଖୁଆଇ ଚଳିପାରିବେ ।

## ସବୁ ସମୟରେ ବ୍ୟବହାର କଲାପରି ପନ୍ଥା

- **ଆଦର୍ଶ ବ୍ୟବହାର ଦେଖାଇବା :** ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁ ଶିକ୍ଷାର୍ଥୀଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରି ଆପଣ ଶିକ୍ଷାର୍ଥୀମାନଙ୍କ ଆଗରେ ନିଜକୁ ଜଣେ ଆଦର୍ଶ ବ୍ୟକ୍ତି ଭାବେ ପ୍ରତିପାଦନ କରନ୍ତୁ । ପଢ଼ାଇବା ସମୟରେ ସବୁ ଶିକ୍ଷାର୍ଥୀମାନଙ୍କୁ ସମାନ ଦୃଷ୍ଟିରେ ଦେଖିବା ଉଚିତ । ସମସ୍ତଙ୍କ ସହିତ ଭଲରେ କଥାବାର୍ତ୍ତା କରିବା, ସେମାନଙ୍କର ମତାମତକୁ ସମ୍ମାନ ଦେଇ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିବେ, ଯେପରି ସମସ୍ତ ଶିକ୍ଷାର୍ଥୀ ଶ୍ରେଣୀର କୌଣସି ଦାୟିତ୍ୱ ନେଇ ସୁଚାରୁ ରୂପେ ସମ୍ପାଦନ କରିବେ, ଏବଂ ଏହା କରିବା ଦ୍ୱାରା ସମସ୍ତ ଶିକ୍ଷାର୍ଥୀ ଉପକୃତ ହେବେ ।
- **ଉଚ୍ଚଭିଳାଷି :** ସମସ୍ତଙ୍କ ଦକ୍ଷତା ସମାନ ନୁହେଁ । ପ୍ରତ୍ୟେକ ଶିକ୍ଷାର୍ଥୀ ଶିଖି ପାରିବେ ଓ ଆଗେଇ ପାରିବେ । ଯଦି ସେମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇପାରିବ । ଯଦି ଶ୍ରେଣୀ କକ୍ଷରେ କୌଣସି କାର୍ଯ୍ୟ କଲାବେଳେ ଶିକ୍ଷାର୍ଥୀଟି ବୁଝିପାରିଲା ନାହିଁ ବା ବୁଝିବାରେ ଅସୁବିଧା ହେଲା, ତା'ମାନେ ନୁହେଁ ଯେ ଶିକ୍ଷାର୍ଥୀଟି କେବେ ବି ବୁଝିପାରିବ ନାହିଁ । ଆପଣଙ୍କର ଶିକ୍ଷକ ଭାବେ କର୍ତ୍ତବ୍ୟ ହେଉଛି, ପ୍ରତ୍ୟେକ ଶିକ୍ଷାର୍ଥୀ ଯେପରି ଶିଖିପାରିବେ ସେଥିପାଇଁ ଯୋଜନା କରିବା । ଆପଣ ଯଦି ଚିନ୍ତା କରିବେ ଆପଣଙ୍କ ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀ ଉଚ୍ଚାଭିଳାଷି ହୁଅନ୍ତୁ ସେମାନେ ଏହା ଉପଲବ୍ଧି କରିବା ଉଚିତ । ଶିକ୍ଷାର୍ଥୀର ଚାଲିଚଳଣ କ୍ଷେତ୍ରରେ ମଧ୍ୟ ଉଚ୍ଚାଭିଳାଷ ଆଶା କରାଯାଇପାରେ, ଶିକ୍ଷାର୍ଥୀମାନେ ଜାଣି ରଖିବା ଦରକାର ପ୍ରତ୍ୟେକ ଶିକ୍ଷାର୍ଥୀ, ଅନ୍ୟ ଶିକ୍ଷାର୍ଥୀ ସହିତ ଭଲ ସମ୍ପର୍କ ରକ୍ଷା କରିବା ସହ ସମ୍ମାନ ଦେବ ।
- **ଶିକ୍ଷଣରେ ବିଭିଦତା ଆଣିବା:** ଶିକ୍ଷାର୍ଥୀମାନେ ବିଭିନ୍ନ ଉପାୟରେ ଶିଖିଥାନ୍ତି କେତେକ ଶିକ୍ଷାର୍ଥୀ ଲେଖିବାକୁ ଭଲ ପାଇଥା'ନ୍ତି ତ ଆଉ କେତେ ଶିକ୍ଷାର୍ଥୀ ଚିତ୍ର ମାଧ୍ୟମରେ କିମ୍ବା ମାନସିକ ସ୍ତରରେ ବିଷୟଟିକୁ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରି ଉପସ୍ଥାପନ କରନ୍ତି । କେତେକ ଶିକ୍ଷାର୍ଥୀ ଶୁଣିବାକୁ ଭଲ ପାଆନ୍ତି । ଆଉ କେତେକ ଶିକ୍ଷାର୍ଥୀ ନିଜର ଧାରଣାକୁ ଅନ୍ୟ ଆଗରେ ବର୍ଣ୍ଣନା କରିବା ପାଇଁ ସୁଯୋଗ ଦେଲେ ଭଲରେ ଶୁଣିଥାନ୍ତି । ତେଣୁ ଆପଣ ସମସ୍ତଙ୍କ ପାଇଁ ଗୋଟିଏ ପ୍ରକାରର ବ୍ୟବସ୍ଥା ନ କରି ପଢ଼ାଇବା ସମୟରେ ଶିକ୍ଷାର୍ଥୀଙ୍କର ଇଚ୍ଛା ଅନୁସାରେ ବିଭିନ୍ନ ପ୍ରକାରର ଶିକ୍ଷଣକାର୍ଯ୍ୟ କଲେ ଶିକ୍ଷଣ ଫଳପ୍ରଦ ହେବ ।

- **ଶିକ୍ଷଣକୁ ନିତିଦିନିଆ ଜୀବନ ସହ ଯୋଡ଼ିବା :** କିଛି ଶିକ୍ଷାର୍ଥୀଙ୍କୁ ଆପଣ କିଛି ନୂଆ କଥା ଶିଖିବା ପାଇଁ କହିଲେ, ସେମାନଙ୍କୁ ଲାଗେ ଏଗୁଡ଼ିକ ନିତିଦିନିଆ ଜୀବନର କୌଣସି କାର୍ଯ୍ୟରେ ଲାଗିବ ନାହିଁ । ଯେଉଁ ଜାଗାରେ ସମ୍ଭବ ଆପଣ ସେମାନଙ୍କର ଅନୁଭୂତିକୁ ନେଇ ଉଦାହରଣ ଦିଅନ୍ତୁ ଏବଂ ଶିକ୍ଷଣକୁ ତାଙ୍କ ନିତିଦିନିଆ ଜୀବନ ସହ ସମ୍ପର୍କୀତ କରାନ୍ତୁ ।
- **ଭାଷାର ବ୍ୟବହାର :** ଆପଣ ଯେଉଁ ଭାଷା ବ୍ୟବହାର କରୁଛନ୍ତି, ସେ ସମ୍ପର୍କରେ ଚିନ୍ତା କରନ୍ତୁ । ଶିକ୍ଷାର୍ଥୀମାନଙ୍କୁ ଭଲ କଥା କହି ପ୍ରଶଂସା କରନ୍ତୁ । ସେମାନଙ୍କୁ କେବେ ବି ଥଟ୍ଟା କରନ୍ତୁ ନାହିଁ । ସର୍ବଦା ଶିକ୍ଷାର୍ଥୀଟିକୁ କିଛି ନ କହି ବ୍ୟବହାର ପରିବର୍ତ୍ତନ ପାଇଁ ମନ୍ତବ୍ୟ ଦେଇପାରନ୍ତି, "ତୁ ମତେ ଆଜି ବିରକ୍ତ କଲୁ", ନ କହି, ଏପରି କୁହାଯାଇପାରେ, "କ'ଣ କିଛି ଅସୁବିଧା ହୋଇଛି, ତୁମେ ଆଜି ପଢ଼ାରେ ମନ ଦେଲ ନାହିଁ, ତୁମର ଏପରି ବ୍ୟବହାର ଆଜି ମତେ ବିରକ୍ତ ଲାଗିଲା ।" ଏଥିରୁ କେଉଁଟି ଅଧିକ ଭଲ ?
- **ଗତାନୁଗତିକ ପନ୍ଥାରୁ ଅଲଗା :** ଝିଅମାନଙ୍କୁ କିଛି ଭିନ୍ନ କାମ କରିବାର ଉଦାହରଣ ଦିଅନ୍ତୁ କିମ୍ବା କୌଣସି ଆଦର୍ଶ ମହିଳାଙ୍କୁ ବିଦ୍ୟାଳୟକୁ ନିମନ୍ତ୍ରଣ କରନ୍ତୁ, ଯେପରି ମହିଳା ବୈଜ୍ଞାନିକ । ସମାଜରେ ନିଜର ଗତାନୁଗତିକ କାର୍ଯ୍ୟଧାରାକୁ ମନେ ପକାନ୍ତୁ । ଆପଣ ଜାଣନ୍ତି ଝିଅମାନେ ଖେଳିବାକୁ ଭଲ ପାଆନ୍ତି ଏବଂ ପୁଅମାନେ ମଧ୍ୟ କାନ୍ଦନ୍ତି । କିନ୍ତୁ ସାଧାରଣତଃ ଆମେ ସମାଜରେ କଥାବାର୍ତ୍ତା  କଲାବେଳେ ଗତାନୁଗତିକ ଧାରାରେ ଆମେ ଠିକ୍ ଓଲଟା ହିଁ କରିଥାଉ । କାରଣ ଏହା କହିବାରେ ଆମେ ଅଭ୍ୟସ୍ତ ।
- **ଗୋଟିଏ ସୁସ୍ଥ ସ୍ୱାଗତଯୋଗ୍ୟ ଶିକ୍ଷଣ ପରିବେଶ :** ପ୍ରତ୍ୟେକ ଶିକ୍ଷାର୍ଥୀ ନିଜ ବିଦ୍ୟାଳୟକୁ ଏକ ନିରାପଦ ସ୍ଥାନ ବୋଲି ଭାବିବା ଆବଶ୍ୟକ । ତେଣୁ ଆପଣ ଏପରି ଏକ ପରିବେଶ ସୃଷ୍ଟି କରିବା ଦରକାର ଯେଉଁଥିରେ ଶିକ୍ଷାର୍ଥୀମାନେ ଅନୁଭବ କରିବେ ଯେ ସେମାନେ ସମସ୍ତଙ୍କ ଠାରୁ ସମ୍ମାନଜନକ ଓ ବନ୍ଧୁତା ପୂର୍ଣ୍ଣ ବ୍ୟବହାର ପାଇପାରୁଛନ୍ତି । ଶିକ୍ଷାର୍ଥୀମାନେ କେଉଁ ଯାଗାରେ ଠିକ୍‌ରେ ବସିବେ, ବିଶେଷ କରି ଯେଉଁମାନେ ଦେଖିପାରୁନାହାନ୍ତି ବା ଶୁଣି ପାରୁନାହାନ୍ତି ବା ଶାରୀରିକ ଅକ୍ଷମ ସେମାନଙ୍କୁ ଏପରି ଯାଗାରେ ବସାନ୍ତୁ, ଯେପରିକି ସେମାନେ ପାଠପଢ଼ାକୁ ସହଜରେ ବୁଝିପାରିବେ । ଲାଜକୁଳା ବା ଚଗଲା ଶିକ୍ଷାର୍ଥୀଙ୍କୁ ଚିହ୍ନଟ କରନ୍ତୁ, ଯେପରିକି ସେମାନେ ମଧ୍ୟ ଶିକ୍ଷଣରେ ଭାଗିଦାର ହୋଇପାରିବେ ।

## ସ୍ୱତନ୍ତ୍ର ଶିକ୍ଷଣ ପନ୍ଥା

ସବୁ ଶିକ୍ଷାର୍ଥୀ ଯେପରି ଶିକ୍ଷଣରେ ଭାଗ ନେଇପାରିବେ ସେଥିପାଇଁ ବିଭିନ୍ନ ପ୍ରକାର ପନ୍ଥା ଅଛି । ସେ ସମ୍ପର୍କରେ ବିଶେଷ ବର୍ଣ୍ଣନା ଅନ୍ୟ ୟୁନିଟରେ ଆଲୋଚନା କରାଯାଇଛି । ଏଠାରେ ସଂକ୍ଷେପରେ କିଛି କୁହାଯାଇଛି ।

- **ପ୍ରଶ୍ନ ପଚାରିବା :** ଆପଣ ଯଦି ଶିକ୍ଷାର୍ଥୀମାନଙ୍କୁ ଉତ୍ତର ଦେବା ପାଇଁ ହାତ ଟେକିବାକୁ କହିଲେ, ତେବେ ସେହି ଶିକ୍ଷାର୍ଥୀ ହିଁ ଉତ୍ତର ଦେବେ । ଆପଣଙ୍କ ପ୍ରଶ୍ନର ଉତ୍ତର ଦେବା ପାଇଁ ଆପଣ ଯଦି ଅଧିକ ଶିକ୍ଷାର୍ଥୀଙ୍କର ଅଂଶଗ୍ରହଣ ଚାହୁଁଥାଆନ୍ତି, ତେବେ ସେଥିପାଇଁ ଅନ୍ୟ ଉପାୟ ଅଛି । ଆପଣ ପ୍ରଶ୍ନଟି କୌଣସି ନିର୍ଦ୍ଦିଷ୍ଟ ଶିକ୍ଷାର୍ଥୀଙ୍କୁ ପଚାରିପାରନ୍ତି । ଶିକ୍ଷାର୍ଥୀମାନଙ୍କୁ କୁହନ୍ତୁ "ମୁଁ ଯାହାକୁ କହିବି ସେ ଉତ୍ତର ଦେବ ।" ସେତେବେଳେ ସାମ୍ନାରେ ବସିଥିବା ଶିକ୍ଷାର୍ଥୀଙ୍କ ଛଡ଼ା ପଛ ଓ କଡ଼ରେ ବସିଥିବା ଶିକ୍ଷାର୍ଥୀମାନଙ୍କୁ ପଚାରି ପାରିବେ । ଶିକ୍ଷାର୍ଥୀମାନଙ୍କୁ ଭାବିବାକୁ କିଛି ସମୟ ଦେବା ଆବଶ୍ୟକ । ଆପଣ ଦୁଇ ଜଣିଆ ବା ଦଳଗତ କାର୍ଯ୍ୟ କରିବା ପାଇଁ କହିପାରନ୍ତି । ଏହାଦ୍ୱାରା ଶିକ୍ଷାର୍ଥୀମାନଙ୍କର ନିଜ ପ୍ରତି ବିଶ୍ୱାସ ଜନ୍ମିଥାଏ ଏବଂ ଆଲୋଚନା ସମୟରେ ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀ ଭାଗ ନେଇଥାଆନ୍ତି ।
- **ଆକଳନ:** ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଜାଣିବା ପାଇଁ ଗଠନମୂଳକ ଆକଳନର ବିଭିନ୍ନ କୌଶଳ ତିଆରି କରନ୍ତୁ । ଶିକ୍ଷାର୍ଥୀମାନଙ୍କର ଅନ୍ତର୍ନିହିତ ଶକ୍ତି ଏବଂ ଦୁର୍ବଳତା ଜାଣିବା ପାଇଁ ଆପଣଙ୍କୁ ସୃଜନଶୀଳ ହେବାକୁ ପଡ଼ିବ । ଶିକ୍ଷାର୍ଥୀଙ୍କ ଦକ୍ଷତା ସମ୍ପର୍କରେ ଅନ୍ୟମାନଙ୍କ ଠାରୁ ଶୁଣି କୌଣସି ସାଧାରଣ ମନ୍ତବ୍ୟ ଦେବା ଅପେକ୍ଷା ଗଠନମୂଳକ ଆକଳନ କରିବା ଦ୍ୱାରା ଠିକ୍ ସୂଚନା ମିଳିଥାଏ । ଏହାଦ୍ୱାରା ଆପଣ ପ୍ରତ୍ୟେକ ଶିକ୍ଷାର୍ଥୀର ଆବଶ୍ୟକତାକୁ ବୁଝି ତାର ଶିକ୍ଷଣ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ।

- **ଦଳଗତ ଓ ଯୋଡ଼ି କାର୍ଯ୍ୟ:** ପ୍ରତ୍ୟେକ ଶିକ୍ଷାର୍ଥୀ ଯେପରି କାମରେ ଭାଗ ନେବେ ଓ ପ୍ରତ୍ୟେକ ଶିକ୍ଷାର୍ଥୀ ଅନ୍ୟକୁ ଗୁରୁତ୍ୱ ଦେବେ । ଏହାକୁ ଦୃଷ୍ଟିରେ ଆଗରେ ରଖି କିପରି ଦଳଗତ ଓ ଦୁଇଜଣିଆ ଦଳର କାର୍ଯ୍ୟ ପାଇଁ ଶିକ୍ଷାର୍ଥୀଙ୍କୁ ଭାଗ କରିବେ, ସେ ସମ୍ପର୍କରେ ଚିନ୍ତା କରନ୍ତୁ । ସେମାନେ ଯାହା ଜାଣିଛନ୍ତି, ତା ଉପରେ ନିଜର ବିଶ୍ୱାସ ଜନ୍ମାଇବା ସହ ପ୍ରତ୍ୟେକ ଶିକ୍ଷାର୍ଥୀ ଯେପରି ଶିକ୍ଷଣର ସୁଯୋଗ ପାଇବେ, ତାହା ନିଶ୍ଚିତ କରିବା ଉଚିତ୍ । କେତେକ ଶିକ୍ଷାର୍ଥୀ ଛୋଟ ଦଳରେ କାମ କଲାବେଳେ ପ୍ରଶ୍ନ ପଚାରନ୍ତି ଏବଂ ନିଜର ଧାରଣାକୁ ସାହସର ସହିତ ଉପସ୍ଥାପନା କରିପାରନ୍ତି, କିନ୍ତୁ ଶ୍ରେଣୀର ସବୁ ଶିକ୍ଷାର୍ଥୀଙ୍କ ଆଗରେ କିଛି କହିପାରନ୍ତି ନାହିଁ ।
- **ପାର୍ଥକ୍ୟ କରିବା:** ବିଭିନ୍ନ ଦଳକୁ ଭିନ୍ନ ଭିନ୍ନ କାର୍ଯ୍ୟ ଦେବା, ଶିକ୍ଷାର୍ଥୀମାନେ କାର୍ଯ୍ୟର କେଉଁଠାରୁ ଆରମ୍ଭ କରି କେଉଁ ପର୍ଯ୍ୟନ୍ତ ଯିବେ, ସେ ସମ୍ପର୍କରେ ଜାଣିବା ପାଇଁ ସାହାଯ୍ୟ କରିଥାଏ । ମୁକ୍ତ ଉତ୍ତରମୂଳକ କାର୍ଯ୍ୟ ଦିଆଗଲେ ସବୁ ଶିକ୍ଷାର୍ଥୀମାନେ ସଫଳତା ପାଇବା ପାଇଁ ସୁଯୋଗ ପାଆନ୍ତି । ଶିକ୍ଷାର୍ଥୀମାନଙ୍କୁ ତାଙ୍କ ଇଚ୍ଛା ଅନୁସାରେ କାର୍ଯ୍ୟ କରିବା ପାଇଁ ଦିଆଗଲେ, ସେମାନେ କାମ କରିବା ନିଜର ଦାୟିତ୍ୱ ବୋଲି ଭାବିଥାଆନ୍ତି ଏବଂ ନିଜର ଶିକ୍ଷଣ ପାଇଁ ନିଜେ ଦାୟିତ୍ୱ ନିଅନ୍ତି । ଏକ ଅଧିକ ସଂଖ୍ୟକ ଶିକ୍ଷାର୍ଥୀ ଥିବା ଶ୍ରେଣୀ କକ୍ଷରେ ପ୍ରତ୍ୟେକ ଶିକ୍ଷାର୍ଥୀର ଶିକ୍ଷଣ ଆବଶ୍ୟକତାକୁ ଜାଣିବା କଷ୍ଟକର କଥା । କିନ୍ତୁ ବିଭିନ୍ନ ପ୍ରକାରର ଶିକ୍ଷଣକାର୍ଯ୍ୟ ବ୍ୟବହାର କରି ଏହା କରାଯାଇପାରେ ।

## ସମ୍ବଳ 2 ଶିକ୍ଷାବିଜ୍ଞାନ : ଅନୁସନ୍ଧାନ ମାଧ୍ୟମରେ ଧାରଣାଗୁଡ଼ିକ ପରୀକ୍ଷା କରିବା ଏବଂ ତଥ୍ୟ ସଂଗ୍ରହ କରିବା

ଶିକ୍ଷାର୍ଥୀମାନଙ୍କର ଅନୁସନ୍ଧାନ କରିବା କୌଶଳ ବଢ଼ାଇବା ପାଇଁ ଆପଣ ବିଭିନ୍ନ ପ୍ରକାର ପଦ୍ଧତି ଅବଲମ୍ବନ କରିପାରିବେ । ଆପଣ ଶିକ୍ଷାର୍ଥୀମାନଙ୍କ ସହିତ ଅନୁସନ୍ଧାନ କରିବା ସମୟରେ ନିମ୍ନରେ ଦିଆଯାଇଥିବା ମୁଖ୍ୟ ସୋପାନ ଅନୁସାରେ କାର୍ଯ୍ୟ କରିପାରିବେ ।

- **ପ୍ରସଙ୍ଗଟି ଚିନ୍ତା କରନ୍ତୁ:** ପ୍ରସଙ୍ଗଟି ସମ୍ପର୍କରେ ଶିକ୍ଷାର୍ଥୀମାନଙ୍କ ମନରେ ଥିବା ଧାରଣା ଜାଣିବା ପାଇଁ ମାନସିକ ଚିନ୍ତନ କିମ୍ବା ମନ ମଧ୍ୟରେ ପ୍ରସଙ୍ଗ ସମ୍ପର୍କରେ ଚିନ୍ତା କରିବା ପ୍ରକ୍ରିୟାକୁ ବ୍ୟବହାର କରାଯାଇପାରେ । ଏହା ଆପଣଙ୍କ ଶ୍ରେଣୀର ସବୁ ଶିକ୍ଷାର୍ଥୀଙ୍କୁ ଏକାଠି କରି କିମ୍ବା ପ୍ରଥମେ ଛୋଟ ଦଳରୁ ଆରମ୍ଭ କରି ପରେ ପୁରା ଶ୍ରେଣୀର ସବୁ ଶିକ୍ଷାର୍ଥୀଙ୍କ ପାଇଁ କରାଯାଇପାରେ । ଏହାର ଗୁରୁତ୍ୱ ହେଉଛି, ସବୁ ଶିକ୍ଷାର୍ଥୀଙ୍କୁ ସକ୍ରିୟ ଭାବରେ ପ୍ରସଙ୍ଗରେ ଥିବା ସମସ୍ୟା ସମ୍ପର୍କରେ ଚିନ୍ତା କରି ଓ ସେ ସମ୍ପର୍କରେ ସେମାନଙ୍କର କ'ଣ ନୂତନ ଜ୍ଞାନ ଅଛି, ସେ ସମ୍ପର୍କରେ ଜାଣିବା ।
- **ସଂଜ୍ଞା କେନ୍ଦ୍ରିତ କରନ୍ତୁ:** ମାନସମନ୍ଥନ ଫଳରେ ଅନେକ ଧାରଣା ମନ ଭିତରକୁ ଆସେ । ଏସବୁକୁ କଳାପଟା ବା ଡ୍ରଇଁସିଟ୍‌ରେ ଲିପିବଦ୍ଧ କଲେ, ସେ ସବୁର ଉତ୍ତର ବାହାର କରି ଶିକ୍ଷାର୍ଥୀମାନେ ବିଷୟଟିର ଉଦ୍ଦେଶ୍ୟ ଜାଣିପାରନ୍ତି ଓ ଭଲ ଭାବରେ ବୁଝିପାରନ୍ତି । ଆପଣ ପ୍ରାୟ ଏପରି ବ୍ୟବହାର କରିବା ପାଇଁ ଗୋଟିଏ ମଞ୍ଜି ବଢ଼ିବା ପାଇଁ କେଉଁ ସବୁ ଉପାଦାନ ଆବଶ୍ୟକ ? କିମ୍ବା ଏକ ବୀଜ ପତ୍ରୀ ଓ ଦୁଇ ବୀଜ ପତ୍ରୀ ମଞ୍ଜିର ଅଙ୍କୁରୋଦ୍‌ଗମରେ କ'ଣ ପାର୍ଥକ୍ୟ ଅଛି ?
- **ଆପଣଙ୍କ ଅନୁସନ୍ଧାନ ପାଇଁ ଯୋଜନା କରିବା :** ଆପଣଙ୍କ ପାଖରେ ବିଭିନ୍ନ ପ୍ରକାର ପଦ୍ଧତି ଅଛି । ଶିକ୍ଷାର୍ଥୀମାନେ କେଉଁ ପଦ୍ଧତିକୁ କିପରି ଓ କାହିଁକି ବ୍ୟବହାର କରିବେ ସେ ସମ୍ପର୍କରେ ଚିନ୍ତା କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ସେମାନେ ଜାଣିବା ଦରକାର ସେମାନଙ୍କ ପରୀକ୍ଷା ପଦ୍ଧତିଟି ଠିକ୍ ରୂପେ କରିଛନ୍ତି । ଯାହାର ଅର୍ଥ, ଯେ କୌଣସି ସମୟରେ କେବଳ ଗୋଟିଏ ମାତ୍ର ଉପାଦାନକୁ ବଦଳାଯାଇପାରିବ, ଫଳାଫଳକୁ କିପରି ଲିପିବଦ୍ଧ କରିବେ, ସେ ବିଷୟରେ ଚିନ୍ତା କରିବା ଆବଶ୍ୟକ ।
- **ଅନୁସନ୍ଧାନକୁ ଆଗେଇ ନେବା ଓ ଫଳାଫଳକୁ ଲିପିବଦ୍ଧ କରିବା :** ଶିକ୍ଷାର୍ଥୀମାନେ ଅନୁସନ୍ଧାନକୁ ଆଗେଇନେବେ ଓ ମୁଖ୍ୟ ଉପଲବ୍ଧଗୁଡ଼ିକୁ ଲେଖି ରଖିବେ । ଅନୁସନ୍ଧାନ ସମ୍ପର୍କରେ ବିବୃତ୍ତି ଦେବା ମୌଖିକ କିମ୍ବା ଗ୍ରାଫ୍, ପୋଷ୍ଟର, ଚାର୍ଟ, ସାରଣୀ ମାଧ୍ୟମରେ ଲିପିବଦ୍ଧ କରାଯାଇପାରେ, ଯାହାକି ଉପଲବ୍ଧିଗୁଡ଼ିକ ମଧ୍ୟରେ ଥିବା ସାମଞ୍ଜସ୍ୟ ଓ ପାର୍ଥକ୍ୟକୁ ସହଜରେ ବୁଝିହେବ ।

- **ଉପଲବ୍ଧିକୁ ଉପସ୍ଥାପନା କରିବା :** ଥରେ ତଥ୍ୟଗୁଡ଼ିକ ଲିପିବଦ୍ଧ କରିସାରିଲା ପରେ ତାର ଉପଲବ୍ଧିଗୁଡ଼ିକୁ ଉପସ୍ଥାପନ କରିବାକୁ ପଡ଼ିବ ।

ଏହା ଗୁରୁତ୍ୱପୂର୍ଣ୍ଣ ଅଟେ, ଯେ ଜଣେ ଶିକ୍ଷକ ହିସାବରେ ଆପଣ ପ୍ରଥମେ ଶିକ୍ଷାର୍ଥୀଙ୍କ ଆଲୋଚନା ଉପରେ କୌଣସି ହସ୍ତକ୍ଷେପ କରିବ ନାହିଁ । ପ୍ରଥମେ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା ପାଇଁ ମନରେ ଥିବା ତାଙ୍କ ଧାରଣାକୁ ମୌଖିକ ଭାବେ ବା ଲିପିବଦ୍ଧ ଆକାରରେ ପ୍ରକାଶ କରିବାକୁ ସୁଯୋଗ ଦିଅନ୍ତୁ । ତା'ପରେ ମୁକ୍ତ ଉତ୍ତର ମୂଳକ ପ୍ରଶ୍ନ ସାହାଯ୍ୟରେ ଉଦ୍ଦେଶ୍ୟ ଅନୁସାରେ ମୁଖ୍ୟ ଉପଲବ୍ଧିଗୁଡ଼ିକୁ ସଜାଇ ଲେଖନ୍ତୁ ।

## ସମ୍ବଳ 3 : ସ୍ଥାନୀୟ ସମ୍ବଳର ବ୍ୟବହାର କରିବା

ପାଠ୍ୟପୁସ୍ତକ ବ୍ୟତୀତ ଶିକ୍ଷଣ ପାଇଁ ଅନେକଗୁଡ଼ିଏ ସମ୍ବଳ ବ୍ୟବହାର କରାଯାଇପାରିବ । ଶିକ୍ଷାର୍ଥୀମାନେ ବିଭିନ୍ନ ଇନ୍ଦ୍ରିୟ ଯଥା ଶ୍ରବଣେନ୍ଦ୍ରିୟ, ଦର୍ଶନେନ୍ଦ୍ରିୟ, ସ୍ପର୍ଶେନ୍ଦ୍ରିୟ, ଘ୍ରାଣେନ୍ଦ୍ରିୟ ଓ ସ୍ୱାଦେନ୍ଦ୍ରିୟ ସାହାଯ୍ୟ ବ୍ୟବହାର କରି ଅନେକ କଥା ଶିଖିଥାଆନ୍ତି । ଆପଣଙ୍କ ଚାରିପାଖରେ ଅନେକ ସମ୍ବଳ ଅଛି, ଯାହାକି ଆପଣଙ୍କ ଶ୍ରେଣୀ କୋଠରୀରେ ବ୍ୟବହାର କରି ଶିକ୍ଷାର୍ଥୀମାନଙ୍କ ଶିକ୍ଷଣରେ ସାହାଯ୍ୟ କରିପାରିବେ । ଯେକୌଣସି ବିଦ୍ୟାଳୟ ବିନା ମୂଲ୍ୟରେ ବା ସ୍ୱଳ୍ପ ମୂଲ୍ୟରେ ଶିକ୍ଷଣ ପାଇଁ ଅନେକ ସମ୍ବଳ ଯୋଗାଡ଼ କରିପାରିବ । ନିଜ ଅଞ୍ଚଳରେ ମିଳୁଥିବା ସାମଗ୍ରୀ ଶିକ୍ଷଣ ପାଇଁ ବ୍ୟବହାର କରିବା ଫଳରେ ଶିକ୍ଷାର୍ଥୀଙ୍କର ନିତିଦିନିଆ ଜୀବନ ସହ ଯୋଡ଼ିହୁଏ । ଆପଣଙ୍କ ଚାରିପାଖରେ ଏମିତି ବି ଲୋକ ଅଛନ୍ତି, ଯେଉଁମାନଙ୍କର ଅନେକ ବିଷୟରେ ଅଭିଜ୍ଞତା ଅଛି । ଆପଣଙ୍କ ପାଖରେ ଅନେକ ପ୍ରାକୃତିକ ସମ୍ବଳ ଭରି ରହିଛି । ଏହା ଆପଣଙ୍କୁ ଗୋଷ୍ଠୀ ସହିତ ସମ୍ପର୍କ ସ୍ଥାପନ କରିବାରେ, ସେମାନଙ୍କର ମୂଲ୍ୟବୋଧକୁ ବୁଝିବାରେ, ଶିକ୍ଷାର୍ଥୀମାନଙ୍କୁ ପରିବେଶର ଭିନ୍ନତା ଏବଂ ସମୃଦ୍ଧତା ବୁଝିବାରେ ସାହାଯ୍ୟ କରେ । ଆମ ପରିବେଶରେ କେତେ ସମ୍ବଳ ଲୁଚିରହିଛି ଏବଂ କେତେ ପ୍ରକାର ଲୋକ ଅଛନ୍ତି, ସେ ସମ୍ପର୍କରେ ଜାଣିହୁଏ । ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ପାଇଁ ବିଦ୍ୟାଳୟର ଭିତର ଓ ବାହାର ସମ୍ବଳ କେତେ ଗୁରୁତ୍ୱପୂର୍ଣ୍ଣ ତାହା ବୁଝିପାରିବେ ?

### ଶ୍ରେଣୀ କକ୍ଷର ବହୁଳ ଉପଯୋଗ କରିବା

ଲୋକମାନେ ଅନେକ ପରିଶ୍ରମ କରି ନିଜର ଘରକୁ ସଜାଇ ଯେତେ ପାରେ ସେତେ ଆକର୍ଷଣୀୟ କରିବାକୁ ଚେଷ୍ଟା କରନ୍ତି । ଆପଣମାନେ ମଧ୍ୟ ବିଦ୍ୟାଳୟ ପରିବେଶ ସମ୍ପର୍କରେ ଚିନ୍ତା କରିବା ଦରକାର ଯେଉଁଠିକି ଶିକ୍ଷାର୍ଥୀମାନେ ଶିଖିବା ପାଇଁ ଆସନ୍ତି । ବିଦ୍ୟାଳୟ ଶ୍ରେଣୀ କକ୍ଷକୁ ଆକର୍ଷଣୀୟ କରାଗଲେ, ଏହା ଶିକ୍ଷାର୍ଥୀମାନଙ୍କର ପାଠ ଏକ ପ୍ରକାର ସକାରାତ୍ମକ ପ୍ରଭାବ ପକାଇଥାଏ । ଅନେକ ଜିନିଷ ଅଛି, ଯାହାକି ଆପଣ ବ୍ୟବହାର କରି ନିଜର ଶ୍ରେଣୀକକ୍ଷରେ ଶିକ୍ଷାର୍ଥୀମାନଙ୍କ ପାଇଁ ଆକର୍ଷଣୀୟ ଓ ଚିତ୍ତାକର୍ଷକ କରିପାରିବେ । ଉଦାହରଣ ସ୍ୱରୂପ :

- ପୁରୁଣା ମ୍ୟାଗାଜିନ୍ ଓ ବିବରଣୀ ପୁସ୍ତିକାରୁ ପୋଷ୍ଟର ସଂଗ୍ରହ କରିବା ।
- ବିଷୟବସ୍ତୁ ସମ୍ପର୍କୀତ ବିଭିନ୍ନ ଜିନିଷ ସଂଗ୍ରହ କରିବା ।
- ଶିକ୍ଷାର୍ଥୀମାନଙ୍କର କାର୍ଯ୍ୟକୁ ପ୍ରଦର୍ଶନ କରାଇବା ।
- ଶିକ୍ଷାର୍ଥୀମାନଙ୍କୁ କୌତୁହଳୀ ଓ ନୂତନ ଶିକ୍ଷଣ ପାଇଁ ଶ୍ରେଣୀ କକ୍ଷରେ ପ୍ରଦର୍ଶନକୁ ଆବଶ୍ୟକ ସ୍ଥଳେ ପରିବର୍ତ୍ତନ କରିବା ।

### ସ୍ଥାନୀୟ ଅଭିଜ୍ଞ ବ୍ୟକ୍ତିମାନଙ୍କୁ ଶ୍ରେଣୀ କୋଠରୀକୁ ନିମନ୍ତ୍ରଣ କରିବା

ଆପଣ ଯେତେବେଳେ ଟଙ୍କା ପଇସା କିମ୍ବା ଗଣିତରେ ପରିମାଣ ସମ୍ପର୍କରେ ପଢ଼ାଇବାକୁ ଯାଉଛନ୍ତି, ସେତେବେଳେ କୌଣସି ବ୍ୟବସାୟୀ କିମ୍ବା ପୋଷାକ ପ୍ରସ୍ତୁତକାରୀ ଦର୍ଜୀଙ୍କୁ ଶ୍ରେଣୀକକ୍ଷକୁ ଡ଼ାକି ସେମାନେ କିପରି ନିଜର କାମ ପାଇଁ ଗଣିତକୁ ବ୍ୟବହାର କରୁଛନ୍ତି, ତାହା ବୁଝାଇବା ପାଇଁ କହିବେ । ସେହିପରି କଳା ସୌନ୍ଦର୍ଯ୍ୟରେ ଆପଣ ଯଦି ବିଭିନ୍ନ ନକ୍ସା ବା ଆକୃତି ସମ୍ପର୍କରେ ଅନ୍ୱେଷଣ କରୁଛନ୍ତି, ସେତେବେଳେ କୌଣସି ମେହେନ୍ଦୀ କରୁଥିବା ବ୍ୟକ୍ତିଙ୍କୁ ବିଦ୍ୟାଳୟକୁ ଡ଼ାକି, ଆକାର, ଆକୃତି ଓ କରିବାର

କୌଶଳ ସମ୍ପର୍କରେ କହିବା ପାଇଁ ନିମନ୍ତ୍ରଣ କରିବେ । ଭଦ୍ର ବ୍ୟକ୍ତିଙ୍କୁ ନିମନ୍ତ୍ରିତ କରିବା ଦ୍ଵାରା ଅଭିଜ୍ଞତାକୁ ବର୍ଣ୍ଣନା କରି ଶିକ୍ଷାର୍ଥୀମାନଙ୍କ ମନରେ ଥିବା ଧାରଣାକୁ ବଦଳାଇପାରନ୍ତି ।

ଆପଣଙ୍କ ବିଦ୍ୟାଳୟ ଭିତରେ ମଧ୍ୟ ଅନୁଭୂତି ସମ୍ପୂର୍ଣ୍ଣ ବ୍ୟକ୍ତିମାନେ ଅଛନ୍ତି । ଯେପରିକି ରୋଷେୟା ଓ କେୟାର ଟେକର ଯେଉଁମାନଙ୍କୁ ଶିକ୍ଷାର୍ଥୀମାନେ ନିଜର ଶିକ୍ଷଣ ସମ୍ପର୍କରେ କିଛି ପ୍ରଶ୍ନ ପଚାରି ଆଲୋଚନା କରିପାରିବେ । ଉଦାହରଣ ସ୍ଵରୂପ ରୋଷେଇ କରିବାରେ କେତେ ପରିମାଣର ଜିନିଷ ବ୍ୟବହାର କରାଯାଇପାରେ, ଋତୁ ଅନୁସାରେ ବିଦ୍ୟାଳୟର ବାଡ଼ିବଗିଚା କିପରି ଦିଶୁଥାଏ ।

## ବିଦ୍ୟାଳୟ ବାହାର ପରିବେଶକୁ ବ୍ୟବହାର କରିବା

ବିଦ୍ୟାଳୟ ବାହାରେ ଅନେକ ସମ୍ବଳ ଅଛି, ଯାହାକି ଆପଣ ପଢ଼ାଇବା ସମୟରେ ବ୍ୟବହାର କରିପାରିବେ । ବାହାରୁ ଆପଣ ନିଜେ କିମ୍ବା ଶିକ୍ଷାର୍ଥୀମାନଙ୍କ ଦ୍ଵାରା ବିଭିନ୍ନ ପତ୍ର, ଗଛ, କୀଟପତଙ୍ଗ ବୁଢ଼ୀଆଣୀ, କାଠ କିମ୍ବା ପଥର ସଂଗ୍ରହ କରିପାରିବେ । ସେ ସବୁ ଶ୍ରେଣୀ କକ୍ଷରେ ପ୍ରଦର୍ଶିତ କରି ପାଠ ପଢ଼ାଇବା ସମୟରେ ବ୍ୟବହାର କରିବା ଦ୍ଵାରା ଶିକ୍ଷାର୍ଥୀମାନେ ପାଠ ପ୍ରତି ଆଗ୍ରହୀ ହେବେ । ସେମାନେ ମଧ୍ୟ ବିଭିନ୍ନ ବସ୍ତୁ ଆଲୋଚନା, ପରୀକ୍ଷଣ, ବର୍ଗୀକରଣ, ଜୀବନିର୍ଜୀବ ମଧ୍ୟରେ ପାର୍ଥକ୍ୟ ଦେଖାଇବା ପାଇଁ ସାମଗ୍ରୀ ଯୋଗାଇପାରିବ । ବିଦ୍ୟାଳୟ ବାହାରେ ବା ଅଞ୍ଚଳରେ ଅତି ସହଜରେ ମିଳୁଥିବା ବିଭିନ୍ନ ସମ୍ବଳ ଯଥା : ବସ୍ ଟାଇମ୍ ଟେବୁଲ ଓ ବିଭିନ୍ନ ବିଜ୍ଞାପନକୁ ଶିକ୍ଷଣ ସାମଗ୍ରୀ ରୂପେ ନେଇ ସେଥିରୁ ଶବ୍ଦ ଚିହ୍ନଟ - ତୁଳନା କରିବା, କୌଣସି ସ୍ଥାନକୁ - ଯାତ୍ରା କରିବାର ସମୟ ନିର୍ଣ୍ଣୟ କରିବା ଆଦି ଶିକ୍ଷଣକାର୍ଯ୍ୟ କରାଯାଇପାରେ ।

ବାହାରୁ ସାମଗ୍ରୀ ସବୁ ଶ୍ରେଣୀ କୋଠରୀକୁ ଅଣାଯାଇପାରିବ ଓ ଦରକାର ସମୟରେ ବାହାରକୁ ମଧ୍ୟ ଶ୍ରେଣୀ କୋଠରି ରୂପେ ବ୍ୟବହାର କରାଯାଇପାରବ । ସମସ୍ତ ଶିକ୍ଷାର୍ଥୀ ବାହାରେ ବୁଲି ବୁଲି ବହୁତ କଥା ଦେଖିପାରିବେ । ଆପଣ ଯେତେବେଳେ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷଣ ପାଇଁ ବାହାରକୁ ନେବ । ସେମାନେ ନିମ୍ନଲିଖିତ କାର୍ଯ୍ୟ ସବୁ କରିପାରିବେ ।

- ଅନୁମାନ କରିବେ ଏବଂ ଦୂରତା ମାପିବେ ।
- ବୃତ୍ତର କେନ୍ଦ୍ରବିନ୍ଦୁରୁ ପରିଧି ଦୂରତା ସର୍ବଦା ସମାନ ଏହା ପ୍ରଦର୍ଶନ କରି ଦେଖାଇପାରିବେ ।
- ଦିନର ବିଭିନ୍ନ ସମୟରେ ଛାୟାର ଲମ୍ବକୁ ମାପ କରିବେ ।
- ସୂଚନା ଓ ପ୍ରତୀକ ବୁଝିବେ ।
- ସର୍ଭେ କାର୍ଯ୍ୟ ଓ ସାକ୍ଷାତକାର କରିପାରିବେ ।
- ସୌରଜଗତର ଗ୍ରହମାନଙ୍କୁ ଚିହ୍ନଟ କରିପାରିବେ ।
- ବାହାର ଶିକ୍ଷଣ ଅଧିକ ଅନୁଭୂତି ପୂର୍ଣ୍ଣ ଓ ପ୍ରାକୃତିକ ହେବା ସହିତ ଅନ୍ୟ ଧାରଣାଗୁଡ଼ିକୁ ବୁଝିବା ପାଇଁ ସହଜ କରାଇଥାଏ ।

ଆପଣଙ୍କୁ ଯଦି ବାହାରେ କାମ କରିବା ପାଇଁ ବିଦ୍ୟାଳୟ ପରିସର ଛାଡ଼ିବାକୁ ପଡ଼ିବ ତେବେ ଯିବା ପୂର୍ବରୁ ପ୍ରଥମେ ପ୍ରଧାନଶିକ୍ଷକଙ୍କ ଠାରୁ ଅନୁମତି ନେବେ, ସମୟ ପାଇଁ ଯୋଜନା କରିବେ, ଶିକ୍ଷାର୍ଥୀମାନଙ୍କର ନିରାପତ୍ତା ପ୍ରତି ଦୃଷ୍ଟି ଦେବେ ଏବଂ ଶିକ୍ଷାର୍ଥୀମାନଙ୍କ ପାଇଁ କେତେକ ନିୟମ ପ୍ରସ୍ତୁତ କରି ତାକୁ ବୁଝାଇଦେବେ । ଆପଣ ଏବଂ ଆପଣଙ୍କର ଶିକ୍ଷାର୍ଥୀମାନେ ସେ ସ୍ଥାନ ଛାଡ଼ିବା ପୂର୍ବରୁ କ'ଣ ସବୁ ଶିଖିକରି ଆସିବେ, ସେ ସମ୍ପର୍କରେ ସେମାନଙ୍କୁ ବୁଝାଇ ଦେବେ ।

## ସମ୍ବଳକୁ ନିଜ ଆବଶ୍ୟକତା ଅନୁଯାୟୀ ବ୍ୟବହାର କରିବା

ଆପଣଙ୍କ ପାଖରେ ମିଳୁଥିବା ସମ୍ବଳଗୁଡ଼ିକୁ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ନିମନ୍ତେ ଉପଯୁକ୍ତ ସାମଗ୍ରୀକୁ ବାଛି ବ୍ୟବହାର କରନ୍ତୁ । ଏହି ପରିବର୍ତ୍ତନ ଛୋଟ ହେଲେ ମଧ୍ୟ ପ୍ରତ୍ୟେକ ଶିକ୍ଷାର୍ଥୀର ଶିକ୍ଷଣକୁ ପ୍ରାସଙ୍ଗିକ କରିବାରେ ସାହାଯ୍ୟ କରିଥାଏ । ଉଦାହରଣ ସ୍ଵରୂପ : ଆବଶ୍ୟକ ସ୍ଥଳେ ସ୍ଥାନ, ଲୋକର ନାମ, ଗୀତରେ ବ୍ୟକ୍ତିର ଲିଙ୍ଗ କିମ୍ବା ଭିନ୍ନ କ୍ଷମ ଶିକ୍ଷାର୍ଥୀର ଗପ ବ୍ୟବହାର କରିପାରନ୍ତି । ଏହି ପ୍ରକାରରେ ଆପଣ ଆପଣଙ୍କର ସାଧନଗୁଡ଼ିକୁ ଉପଯୁକ୍ତ ଭାବେ ଶିକ୍ଷଣ ନିମନ୍ତେ ବ୍ୟବହାର କରିପାରିବ ।

ଆପଣ ସହକର୍ମୀମାନଙ୍କୁ ସହଯୋଗରେ କାମ କରନ୍ତୁ ଏହି କାର୍ଯ୍ୟ କରିବା ସମୟରେ ଆପଣଙ୍କୁ ଅନେକ ଗୁଡ଼ିଏ କୌଶଳ ଶିଖିବା ଓ ବ୍ୟବହାର କରିବାକୁ ପଡ଼ିବ । ଆପଣଙ୍କର ଜଣେ ସାଙ୍ଗ ଗୀତ ଗାଇବାରେ ଦକ୍ଷ ହୋଇଥିବା ସମୟରେ ଆଉ ଜଣେ କଣ୍ଢେଇ ତିଆରି କରିବାରେ କିମ୍ବା ଆଉ ଜଣେ ବାହାରେ ବିଜ୍ଞାନ ମେଳା ଆୟୋଜନ କରିବାରେ ଦକ୍ଷ ହୋଇପାରନ୍ତି । ଆପଣ, ଅପାଣଙ୍କ ସହକର୍ମୀମାନଙ୍କ ସାହାଯ୍ୟରେ ନିଜର ଶ୍ରେଣୀକକ୍ଷକୁ ଉନ୍ନତମାନର ଶିକ୍ଷଣ ପରିବେଶରେ ପରିଣତ କରିପାରିବେ ।

## ସମ୍ବଳ 4 : ମଞ୍ଜିରୁ ଅଙ୍କୁରୋଦ୍‌ଗମର ଲିପିବଦ୍ଧ ଫର୍ଦ୍ଦ

### ସାରଣୀ 4.1 : ମଞ୍ଜିରୁ ଅଙ୍କୁରୋଦ୍‌ଗମ ଲିପିବଦ୍ଧ ଫର୍ଦ୍ଦ

| ନାମ | | | | | |
|---|---|---|---|---|---|
| ସପ୍ତାହ | ତାରିଖ | ତାରିଖ | ତାରିଖ | ତାରିଖ | ତାରିଖ |
| ୧ମ | | | | | |
| ୨ୟ | | | | | |

## ସମ୍ବଳ 5 : ଅନ୍ୱେଷଣର ଯୋଜନା ଫର୍ଦ୍ଦ (ଶିକ୍ଷାର୍ଥୀମାନଙ୍କ ଦ୍ୱାରା ପୂରଣ ହେବ)

***ସାରଣୀ ୫.୧ :*** *ଅନ୍ୱେଷଣର ଯୋଜନା ଫର୍ଦ୍ଦ (ଶିକ୍ଷାର୍ଥୀମାନଙ୍କ ଦ୍ୱାରା ପୂରଣ ହେବ)*

| କାର୍ଯ୍ୟ | ତୁମ ଉତ୍ତରକୁ ଲିପିବଦ୍ଧ କର |
|---|---|
| ଅନୁମାନ କର | |
| ଅନ୍ୱେଷଣ ପାଇଁ ଯୋଜନା କର | |
| କ'ଣ ହେଲା ପର୍ଯ୍ୟବେକ୍ଷଣ କର | |
| ଫଳାଫଳକୁ ଲିପିବଦ୍ଧ କର | |
| ଉପସଂହାର | |

# Additional resources

- 'Classroom management – creating a learning environment, setting expectations, motivational climate, maintaining a learning environment, when problems occur': http://education.stateuniversity.com/pages/1834/Classroom-Management.html#ixzz38U9nHcd4
- 'Seeds & germination: science fair projects and experiments': http://www.juliantrubin.com/fairprojects/botany/seedsgermination.html
- Measuring germination rates': http://ddl.nmsu.edu/kids/explore/experiments/germination.html
- 'Inclusive classrooms: achieving success for all students' by Kathleen G. Winterman: http://ici.umn.edu/products/impact/241/18.html

# References/bibliography

Higgins, S., Hall, E., Wall, K., Woolner, P. and McCaughey, C. (2005) *The Impact of School Environments: A Literature Review*. London: The Design Council. Available from: http://www.ncl.ac.uk/cflat/news/DCReport.pdf (accessed 9 September 2014).

# Acknowledgements

Except for third party materials and otherwise stated below, this content is made available under a Creative Commons Attribution-ShareAlike licence (http://creativecommons.org/licenses/by-sa/3.0/). The material acknowledged below is Proprietary and used under licence for this project, and not subject to the Creative Commons Licence. This means that this material may only be used unadapted within the TESSIndia project and not in any subsequent OER versions. This includes the use of the TESS-India, OU and UKAID logos.

Grateful acknowledgement is made to the following sources for permission to reproduce the material in this unit:

Figures 1 and 3: Jane Devereux.

Every effort has been made to contact copyright owners. If any have been inadvertently overlooked the publishers will be pleased to make the necessary arrangements at the first opportunity.

Video (including video stills): thanks are extended to the teacher educators, headteachers, teachers and students across India who worked with The Open University in the productions.